# ମା' ମହାମାୟୀଙ୍କ ପୂଜା



କିଶୋରନଗର, ୧୦।୨ (ସମିସ): କିଶୋରନଗର ବ୍ଲକ ଘୋଷର ଗ୍ରାମରେ ମା' ମହାମାୟୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂରୋହିତଙ୍କ ଦ୍ୱାରା ଯଥାରୀତି ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ହିମିତିରା ପଞ୍ଚାୟତରେ ସଚେତନତା ଶିବିର



କିଶୋରନଗର, ୧୦।୨ (ସମିସ): କିଶୋରନଗର ବ୍ଲକର ହିମିତିରା ପଞ୍ଚାୟତ ଖେଳ ପଡ଼ିଆଠାରେ ଆଜି 'ଆମ ଓଡିଶା ନବୀନ ଓଡିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ସୁମିତ୍ରା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧଉରାପାଲ୍ଲୀ ସରପଞ୍ଚ ସଂଜୀତ କୁମାର ସାହୁ, ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର ସାହୁ, ଧଡ଼ରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ମିଶନ ଶକ୍ତି ସଂଯୋଜକ ଉପେନ୍ଦ୍ର ବେହେରା, ସମିତି ସଭ୍ୟ ପ୍ରଣବ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣୀ ସୋନାଲୀ ପ୍ରିୟଦର୍ଶିନୀ କାଣ୍ଡି, ସାମ୍ବାଦିକ ସଂଜୟ ଦାଶ, କନିଷ୍ଠ ଯନ୍ତ୍ରୀ ସ୍ମିତାରାଣି ସାହୁ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ। ପାଲାଗାୟକ ଜଗତ ମୋହନ ମିଶ୍ର ଓ ତାଙ୍କ ସହଯୋଗୀଙ୍କ ସହ ପାଲା ପରିବେଷଣ ଦ୍ୱାରା ସଚେତନ କରାଇଥିଲେ। ଏଥିରେ ପଂଚାୟତର ବହୁ ମହିଳା ଉପସ୍ଥିତ ଥିଲେ। ପିଇଓ ଲିଲି ସେଠୀ, କନିଷ୍ଠ ଯନ୍ତ୍ରୀ ବିଜୟ ନିଖଣ୍ଡ, ଜିଆରଏସ୍ ସୁଶୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କଣିହାଁ, ୧୦।୨ (ସମିସ): କଣିହାଁ ବ୍ଲକ ବଡ଼ଗୁଣ୍ଡିରୀ ପଞ୍ଚାୟତ ମହକୁମା ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ଏକାଦଶ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ଭାବେ ପୂଜ୍ୟ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥିଭାବେ ବିକାସ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ମୃଦଳା ଠାକୁର ପ୍ରଧାନ, ସମ୍ମାନିତ ଅତିଥି ଭାବେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ ପଟେଲ, ବିଦ୍ୟାଳୟର ସଭାପତି ତଥା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପ୍ରଧାନ, ଶିକ୍ଷକ କୁଳମଣି ସାହୁ, ଅଶୋକ କୁମାର ହୋତା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ଶିକ୍ଷାଦାନ ଗ୍ରହଣ ଓ ପ୍ରଦାନ ଉପରେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଗହଣରେ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ କ୍ଷୀରୋଦ ଚନ୍ଦ୍ର ପ୍ରଧାନଙ୍କ ସହିତ ସମସ୍ତ ଗୁରୁମା' ଗୁରୁଜୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣ ହୋଇଥିବା ବେଳେ ବହୁ ଅଭିଭାବକ ଓ ନିମନ୍ତ୍ରିତ ଅତିଥି ଯୋଗଦାନ କରି ଉତ୍ସବରେ ସହଯୋଗ କରିଥିଲେ।

# ଜନ୍ମଦିନରେ ସାଂସଦ ମହେଶ ସାହୁଙ୍କୁ ଶୁଭେଚ୍ଛା



କଣିହାଁ, ୧୦।୨(ସମିସ): ଚଳିତ ଲୋକସଭାର ଅନ୍ତିମ ଦିବସରେ ଢେଙ୍କାନାଳର ଲୋକପ୍ରିୟ ସାଂସଦ ମହେଶ ସାହୁଙ୍କ ଜନ୍ମ ତିଥିରେ ଲୋକସଭାର ବାଚସ୍ପତିଙ୍କ କାର୍ଯ୍ୟାଳୟରୁ ସାଂସଦଙ୍କ ନିକଟକୁ ଜନ୍ମଦିନରେ ଶୁଭେଚ୍ଛା ପତ୍ର ପ୍ରଦାନ କରାଯାଇଛି। ବାଚସ୍ପତି ଓମ୍ ବିର୍ଲା ସାଂସଦଙ୍କୁ ଜନ୍ମ ଦିନରେ ଶୁଭେଚ୍ଛା ଜଣେଇବା ସହ ସୁସ୍ଥ ଜୀବନ ପାଇଁ ଏବଂ ରାଜନୀତିରେ କିଭଳି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ ଏହି ପ୍ରକାର ଶୁଭେଚ୍ଛା ଜଣାଇଥିଲେ। ଢେଙ୍କାନାଳର ଲୋକପ୍ରିୟ ସାଂସଦ ଶ୍ରୀଯୁକ୍ତ ସାହୁଙ୍କୁ ଏବଂ ଲୋକସଭାର ବାଚସ୍ପତିଙ୍କ କର୍ମଚାରୀମାନେ ମଧ୍ୟ ସାଂସଦଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସମାଧାନ ଲାଗି ଉପଜିଲ୍ଲାପାଳଙ୍କ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି

# ସଚେତନ ନାଗରିକଙ୍କ ଗଣଧାରଣା ସ୍ଥଗିତ

ଅନୁଗୋଳ, ୧୦।୨ (ସମିସ):



ଅନୁଗୋଳ ଜିଲ୍ଲାର ଦୁଇଗୋଟି ମୌଳିକ ସମସ୍ୟା ଓ ଆବଶ୍ୟକତାକୁ ନେଇ ଅନୁଗୋଳ ସଚେତନ ନାଗରିକ ପକ୍ଷରୁ ଆଜକୁ ୨୫ ଦିନ ଧରି ଗଣଧାରଣା ସ୍ଥାନୀୟ କୃଷିଭବନ ସମ୍ମୁଖରେ ଚାଲିଥିଲା। ୫୫ ନମ୍ବର ଜାତୀୟ ରାଜପଥ ସମସ୍ୟାର ସମାଧାନ, ବାଇପାସ୍ ନିର୍ମାଣ କାର୍ଯ୍ୟ ଅତିଶୀଘ୍ର ସମ୍ପୂର୍ଣ୍ଣ କରିବା ଓ ଅନୁଗୋଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଦାବିରେ ଗଣଧାରଣା ଜାରି ରହିଥିଲା। ପଞ୍ଚମହଲାଠାରୁ ବଆଁରପାଳ ପର୍ଯ୍ୟନ୍ତ ଅନୁଗୋଳ ସହର ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ସମ୍ବଲପୁରଠାରୁ କଟକକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ଦେଇ ଦୈନିକ ହଜାର ହଜାର ଭାରିଯାନ ଚଳାଚଳ କରୁଛି। ଫଳରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ଦୈନିକ ଦୁର୍ଘଟଣାମାନ ଘଟି ଜନଜୀବନ ନଷ୍ଟ ହେବା ସାଙ୍ଗକୁ ପ୍ରଦୂଷଣରେ ଦେଶର ରାଜଧାନୀ ଦିଲ୍ଲୀକୁ ଟପି ସାରିଛି। ଏଭଳି ସ୍ଥିତିରେ ଅନୁଗୋଳବାସୀ ମୃତ୍ୟୁର ସହରରେ ବାସ କଲା ଭଳି ଅନୁଭବ ହୋଇଛି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବା ବେଳେ ଯେଉଁଭଳି ଭାବରେ ଏହାର ସମାଧାନ ଦିଗରେ ତତ୍ପରତା ଦେଖାଯିବା କଥା ତାହା ମନ୍ଥର ଗତିରେ ଚାଲିଛି। ଫଳରେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଜନସାଧାରଣ ଓ ଅନୁଗୁଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅନୁଗୋଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ସ୍ଥିର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ପୁଣି ପ୍ରତ୍ୟାହୃତ ହୋଇଯାଇଥିବା ଜାଣିବାକୁ ମିଳିଛି। ଯାହା ଅନୁଗୋଳବାସୀଙ୍କୁ ମର୍ମାହତ କରିଛି। ଉତ୍ତମ ସ୍ୱାସ୍ଥ୍ୟ ସେବା ମୌଳିକ ଅଧିକାର ହୋଇଥିବା ବେଳେ ଏଥିରୁ ଅନୁଗୋଳବାସୀ ସମ୍ପୂର୍ଣ୍ଣ ବଞ୍ଚିତ ହେଉଛନ୍ତି। ଶିଳ୍ପ ସମୃଦ୍ଧ ଜିଲ୍ଲା କାରଣରୁ ଦୁର୍ଘଟଣା ସାଙ୍ଗକୁ ପ୍ରଦୂଷିତ ବାୟୁ ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ। ଉତ୍ତମ ଚିକିତ୍ସା ନିମନ୍ତେ ଜିଲ୍ଲା ନିକଟରେ କୌଣସି ବ୍ୟବସ୍ଥା ନଥିବାରୁ ଦୀର୍ଘପଥ ଅତିକ୍ରାନ୍ତ କରି କଟକ ଯିବା ବାଟରେ ବହୁ ରୋଗୀ ପ୍ରାଣତ୍ୟାଗ କରୁଥିବା ଅନୁଗୋଳ ସଚେତନ ନାଗରିକ ପ୍ରକାଶ କରିଛନ୍ତି। ୨୫ ଦିନରେ ଗଣଧାରଣା ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ଶନିବାର ଉପ ଜିଲ୍ଲାପାଳ ବରେଣ୍ୟେନ୍ଦୁ ମହାନ୍ତି ଗଣଧାରଣା ସ୍ଥଳକୁ ଆସି ସଚେତନ ନାଗରିକଙ୍କ ସହିତ ଆଲୋଚନା କରିଥିଲେ। ଯେଉଁଥିରେ ସଚେତନ ନାଗରିକ ମାନଙ୍କ ପକ୍ଷରୁ ବିଭିନ୍ନ ମୌଳିକ ଦାବିଗୁଡ଼ିକର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉପସ୍ଥାପନା କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଅନୁଗୋଳବାସୀଙ୍କ ଦୁଃଖ ପାଲଟିଥିବା ୫୫ ନମ୍ବର ଜାତୀୟ ରାଜପଥ ପଞ୍ଚମହଲାଠାରୁ ବଆଁରପାଳ ପର୍ଯ୍ୟନ୍ତ ଅତିଶୀଘ ମରାମତି କରାଯାଉ, ମନ୍ଥର ଗତିରେ ଚାଲିଥିବା ବାଇପାସ୍ ନିର୍ମାଣ କାର୍ଯ୍ୟ ଅବିଳମ୍ବେ ସମ୍ପୂର୍ଣ୍ଣ କରାଯାଉ। ବାଇପାସ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଯାଏଁ ପଞ୍ଚମହଲାଠାରୁ ବଆଁରପାଳ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଗତି ସୀମା ନିର୍ଦ୍ଧାରଣ କରାଯାଉ। ବାଇପାସ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ୫୫ ନମ୍ବର ଜାତୀୟ ରାଜପଥର ନିୟମିତ ମରାମତି ବ୍ୟବସ୍ଥା କରାଯାଉ। ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସାଙ୍ଗକୁ ଅନୁଗୋଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା କଥା ଉଠିଥିଲା। ଉପ ଜିଲ୍ଲାପାଳ ସମସ୍ତ ଦାବିକୁ ହୃଦୟଙ୍ଗମ କରିଥିଲେ। ବିଶେଷ କରି ଜାତୀୟ ରାଜପଥ ସମସ୍ୟାର ସମାଧାନ ବା ମରାମତି, ବାଇପାସ୍ ନିର୍ମାଣ କାର୍ଯ୍ୟ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବା ନିମନ୍ତେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛୁ। ଏଥିସହିତ ଅନୁଗୋଳରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ସରକାରଙ୍କ ନିକଟରେ ପହଞ୍ଚାଇବୁ ବୋଲି ପ୍ରତିଶ୍ରୁତି ଦେବା ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିଥିବା ଗଣଧାରଣାକୁ ସ୍ଥଗିତ ରଖିବା ପାଇଁ ପ୍ରଶାସନ ତରଫରୁ ପ୍ରସ୍ତାବ ଦେବା ପରେ ଅନୁଗୋଳ ସଚେତନ ନାଗରିକ ଗଣଧାରଣାକୁ ସ୍ଥଗିତ ରଖିବାର ନିଷ୍ପତ୍ତି ନେଇଥିଲା। ଗଣଧାରଣାକୁ ସହଯୋଗ କରିଥିବା ବିଭିନ୍ନ ସଂଗଠନ, ଆଇନଜୀବୀ, ଗଣମାଧ୍ୟମ, ବଣିକ ସଂଘ, ଅନୁଗୋଳ ଜିଲ୍ଲା ବଧିର ସଂଘ, ଜିଲ୍ଲା ବସ ମାଲିକ ସଂଘ, ଠିକାଦାର ସଂଘ, ଅନୁଗୋଳ ନିକଟସ୍ଥ ସମସ୍ତ ଗ୍ରାମର ଗ୍ରାମବାସୀବୃନ୍ଦ, ବିଭିନ୍ନ ମଜଦୂର ସଂଘ ଓ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଘର ସମ୍ମୁଖରୁ ଟ୍ରକ୍ ଚୋରି

ଅନୁଗୋଳ, ୧୦।୨(ସମିସ): ଅନୁଗୋଳ ଅମଲାପଡ଼ା ସ୍ଥିତ ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସଙ୍କ ଘର ସମ୍ମୁଖରୁ ପ୍ରାତଃ ପ୍ରାୟ ସାଢ଼େ ୪ଟା ସମୟରେ ତାଙ୍କ ଟ୍ରକ୍ (ଓଡି ୧୯ ଏଫ୍ ୫୬୭୮) (ସୋନୀ ରୋଡଲାଇନ୍ସ) ଚୋରି ହୋଇଯାଇଥିବା ନେଇ ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଏତଲା ପାଇବା ପରେ ଅନୁଗୋଳ ପୁଲିସ ତନାଘନା ଜାରି ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଟ୍ରକ୍ ସମ୍ପର୍କିତ କୌଣସି ସୂଚନା ମିଳିପାରିନାହିଁ।

## ସାଂସଦଙ୍କ ଜନ୍ମଦିନ ପାଳିଲେ ସମର୍ଥକ

ତାଳଚେର ସଦର, ୧୦।୨ (ସମିସ): ରାଜ୍ୟର ବରିଷ୍ଠ ନେତା ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ଆଜି ୬୪ତମ ଜନ୍ମଦିନ ଅବସରରେ ତାଳଚେରର ସମର୍ଥକମାନେ ପ୍ରଦୀପ ପ୍ରଜ୍ୱଳନ କରି ଦୀର୍ଘ ଜୀବନ କାମନା କରିଥିଲେ। ତାଳଚେର ବଡ଼ବଜାର ସ୍ଥିତ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ପ୍ରଭୁ ଗଜାନନଙ୍କ ମନ୍ଦିରରେ ଏହି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା କୋଷାଧ୍ୟକ୍ଷ ବାନାମ୍ବର ଭୁତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ୍ମ ଉତ୍ସବ ପାଳନରେ କାଉନସିଲର ଯଶୋବନ୍ତ ମିଶ୍ର, ବରିଷ୍ଠ ଲୋକ ଗୀତିକାର ରାମଚନ୍ଦ୍ର ଭୁତିଆ, ସାମ୍ବାଦିକ ତପନ ମହାରଣା, ଠିକା ଶ୍ରମିକ ନେତା ବାବୁନି ସ୍ୱାଇଁ, ନେତାଜୀ ସୁଭାଷ ବୋଷ ସ୍ମୃତି କମିଟି ସଭାପତି ପ୍ରକାଶ ସାହୁ, ରୋହିତ ବେହେରା, ରାଜୀବ ରାଉତ, ଅଭିରାମ ଦାସ ପ୍ରମୁଖ ଯୋଗଦେଇ ସାଂସଦ ମହେଶ ସାହୁଙ୍କ ନିରାଡ଼ମ୍ବର ଜୀବନ ଆହୁରି ଆଗକୁ ଯିବା ସହିତ ପ୍ରଭୁ ଗଜାନନ ଶ୍ରୀ ସାହୁଙ୍କୁ ପୁଣି ଜନସେବା କରିବାର ସୁଯୋଗ ଦିଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର





ପାଲଲହଡ଼ା, ୧୦।୨ (ସମିସ): ଓଡିଶା ସରକାରଙ୍କ ସମସ୍ତ ଯୋଜନା ଜନସାଧାରଣଙ୍କ ନିକଟରେ ସୁବିଧାରେ ପହଞ୍ଚିବା ପାଇଁ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଶନିବାର ପାଲଲହଡ଼ା ବ୍ଲକର ନମପଶି ଏବଂ ଝାରବେଡ଼ା ପଞ୍ଚାୟତରେ ଏହା ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଯୋଜନାରେ ସମସ୍ୟା ଭୋଗୁଥିବା ଜନସାଧାରଣ ଏହି ଶିବିରରେ ନିଜ ନିଜର ସମସ୍ୟାର ସମାଧାନ ପାଇ ପାରିବେ। ଏହା ବ୍ୟତୀତ କୃଷି ବିଭାଗ, ଉଦ୍ୟାନ ବିଭାଗ, ବିଦ୍ୟୁତ ବିଭାଗ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ଆଦି ଦଶଗୋଟି ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଭାଗରେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ସାବିତ୍ରୀ ମାଝୀ, ନମପଶି ସରପଞ୍ଚ ଫୁଲନ ପାତ୍ର, ସମିତି ସଭ୍ୟା ଅଞ୍ଜଳି ନାଏକ, ଝାରବେଡ଼ା ସରପଞ୍ଚ ଶିବାନୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

## ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ତାଳଚେର, ୧୦।୨(ସମିସ): ତାଳଚେର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିପିନ୍ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍.ସି.ଏଲ୍. ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ସୁବ୍ରତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇ ଦୀପ ପ୍ରଜ୍ୱଳନ କରିବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସଂପାଦକ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ଗୁରୁମା ନିରୁପମା ମହାନ୍ତି ମଂଚ ପରିଚାଳନା କରିଥିଲେ ଏବଂ ସହ-ପ୍ରଧାନଆଚାର୍ଯ୍ୟ ଦୁଃଖବନ୍ଧୁ ପ୍ରଧାନ ସଂଯୋଜନା କରିଥିଲେ। ସାଂସ୍କୃତିକ ପ୍ରମୁଖ ପ୍ରଦୀପ କୁମାର ଦାସଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ, ଗୁରୁଜୀ, ଗୁରୁମା, ସେବକ, ସେବିକା, ବାହନ ଚାଳକ, ସହାୟକ ଓ ଶୁଭେଚ୍ଛୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ପଞ୍ଚାୟତରେ 'ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

କିଶୋରନଗର, ୧୦।୨ (ସମିସ): ଆଜି ସଂଯମୁରା ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କମଳା ପ୍ରଧାନଙ୍କ ସଭାପତିତ୍ୱରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ସାହୁ, ଜୋନ ୧୨ ଜିଲ୍ଲା ପରିଷଦ ସଭ୍ୟା ଅନୁପମା ସାହୁ, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥି ପ୍ରମୁଖ ଉପସ୍ଥିତ ରହି ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଷ୍ଟଲମାନ ଖୋଲାଯାଇଥିଲା।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସତ୍ୟାଗ୍ରହ

ଅନୁଗୋଳ, ୧୦।୨(ସମିସ):



ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ପକ୍ଷରୁ ରାଜପଥର ଦୁରବସ୍ଥା, ପ୍ରଦୂଷଣ, ଶ୍ରମିକ, କର୍ମଚାରୀ ତଥା ଜମିହରା ଗ୍ରାମବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟାର ତୁରନ୍ତ ସମାଧାନ ଦାବି ସହ କେନ୍ଦ୍ରର ବିଜେପି ସରକାରଙ୍କ ଅପାରଗତାକୁ ବିରୋଧ କରି ବଆଁରପାଳ ଛକ ତାମଡା ବଜାର ପଡ଼ିଆରେ ପିସିସି ସଦସ୍ୟ ତଥା ଅନୁଗୋଳ ଜିଲ୍ଲା ଆଇଏନଟିୟୁସି ସଭାପତି ଦିଗାମ୍ବର ଗଡ଼ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ଓ ସତ୍ୟାଗ୍ରହ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୫୫ ଓ ୫୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣକରିବା, ପ୍ରଦୂଷଣ ମୁକ୍ତ ଅନୁଗୋଳ, ରାଷ୍ଟ୍ରାୟାତ ଓ ଘରୋଇ ଉଦ୍ୟୋଗରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ନିୟନ୍ତ୍ରଣ, ନାଲକୋ ସ୍ମେଲଟର ଓ ସିପିପି କେନ୍ଦ୍ରର ସମ୍ପ୍ରସାରଣ, ନାଲକୋ ଚକ୍ଷୁ ଚିକିତ୍ସାଳୟ ଓ ଏମସିଏଲ ମେଡିକାଲ କଲେଜ ତୁରନ୍ତ ପ୍ରତିଷ୍ଠା, ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଓ ସମାନ କାମକୁ ସମାନ ଦରମା, ଏନଟିପିସି ଥର୍ମାଲରୁ ଛଟେଇ ଶ୍ରମିକଙ୍କ ବକେୟା ଅର୍ଥ ପ୍ରଦାନ, ଇଏସଆଇ ନିଷ୍ପତ୍ତି ଅନୁଯାୟୀ ତାଳଚେର ଥର୍ମାଲ ଠାରେ ଚିକିତ୍ସାଳୟ ଖୋଲିବା, ସର୍ବନିମ୍ନ ମଜୁରୀ ସଂଶୋଧନ ଓ ମାସିକ ୨୬ ହଜାର ସର୍ବନିମ୍ନ ବେତନ, ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ନବୀକରଣ ଓ ବକେୟା ସହାୟତା ପ୍ରାପ୍ୟ ପ୍ରଦାନ, ପାଚିକା, ଆଶାକର୍ମୀ, ଅଙ୍ଗନବାଡ଼ି, ଗାଁ ସାଥୀ, ସ୍ୱାସ୍ଥ୍ୟସାଥୀ ଓ ସୁରକ୍ଷାକର୍ମୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା ସହ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ଦକ୍ଷତାବୃଦ୍ଧି ନିମିତ୍ତ ଶ୍ରମିକଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ, ଡେରାଙ୍ଗ ବିଦ୍ୟୁତ କେନ୍ଦ୍ରରେ କାର୍ଯ୍ୟରତ ସ୍ଥାନୀୟ ଯୁବକଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ, କୋଇଲା ଖଣି ତଥା ଅନ୍ୟାନ୍ୟ ଖଣିଖଦାନର ଶ୍ରମିକଙ୍କୁ ଇଏସଆଇରେ ଅନ୍ତର୍ଭୁକ୍ତ ଓ ସ୍ୱତନ୍ତ୍ର ସ୍ୱାସ୍ଥ୍ୟବୀମା ପ୍ରଦାନ ଓ ନାଲକୋ ନଗରରେ ନୂତନ ରେଲୱେ ପାସେଞ୍ଜର ରହଣିସ୍ଥଳ ନିର୍ମାଣ ସମେତ ୨ ଦଫା ଦାବିକରି ଉପସ୍ଥିତ ନେତୃମଣ୍ଡଳୀ ତଥା ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଅପାରଗତା, ଗରିବ ଓ ଶ୍ରମିକ ମାରଣନୀତିକୁ ନିଜନିଜ ବକ୍ତବ୍ୟରେ ଗଭୀର ନିନ୍ଦା କରିବା ସହ ତୁରନ୍ତ ସମସ୍ତ ସମସ୍ୟାର ସମାଧାନ ଦାବୀକରି ଧାରଣାରେ ବସିଥିଲେ। ଆଇଏନଟିୟୁସିର ରାଜ୍ୟ ସଭାପତି ତଥା ପୂର୍ବତନ ଏମପି ଡ଼ଃ ରାମଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ମଦନ ମୋହନ ଧଳ, ସାଧାରଣ ସମ୍ପାଦକ କିଶୋର ଜେନା, ବରିଷ୍ଠ ନେତା ଦେବାଶିଷ ଘୋଷ, ଜାତୀୟ ମହିଳା କଂଗ୍ରେସ ସମ୍ପାଦିକା ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ବେହେରା, ଜିଲ୍ଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର, ଜଗବନ୍ଧୁ ପ୍ରଧାନ(ଏନଟିପିସି), ସୌଭାଗ୍ୟ ପ୍ରଧାନ(କୋଲିଆରୀ), ନାଲକୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ବିଭବ ଜେନା, ନେସ ସଭାପତି ନିର୍ମଳ କୁମାର ସାମଲ, ପିସିସି ସଦସ୍ୟ ଜୟନ୍ତ କୁମାର ସାହୁ ଙ୍କ ସମେତ ଆଇଏନଟିୟୁସି ସହବନ୍ଧିତ ଶ୍ରମିକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ ଆନ୍ଦୋଳନରେ ଭାଗ ନେଇଥିଲେ।

REQUIREMENT
SIMILIPAL SCIENCE RESIDENTIAL HIGHER SECONDARY SCHOOL &
SIMILIPAL ENGLISH MEDIUM (CBSE) SCHOOL
MANDUA, KARANJIA, MAYURBHANJ
REQUIRE LECTURERS- Physics, Chemistry, Botany, Zoology, Odia, English, Sanskrit, Mathematics, and IT.
DEMONSTRATOR- Physics, Chemistry, Biology and IT.
TGT - Science & Arts having requsite Qualification.
OFFICE Asst. (Clerk)
Salary Negotiable. No TA/DA for attending interview.
DATE OF INTERVIEW: 18.02.2024, 10.30 AM
8249824225, 9937965115
sristkaranjia@yahoo.com
Sd/-
Chairman



### ଦୁର୍ନୀତିର ଗନ୍ତାଘର ପିତିରି ପଞ୍ଚାୟତ

# ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଓ ସରପଞ୍ଚଙ୍କୁ ଘେରିଲେ ପଞ୍ଚାୟତବାସୀ

**ପରଜଙ୍ଗ, ୧୦।୨ (ସମିସ)**

ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ଦୁର୍ନୀତିର ଶୀର୍ଷରେ ପହଞ୍ଚିଥିବା ଜଣାପଡ଼ିଛି। ଏହାକୁ ନେଇ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଓ ପିତିରି ସରପଞ୍ଚଙ୍କୁ ପଞ୍ଚାୟତବାସୀ ଘେରାଉ କରିଥିବା ଜଣାପଡ଼ିଛି। ରାଜ୍ୟରେ ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତକୁ ଅଗ୍ରାଧିକାର ଦିଆଯିବା ସହ କିପରି ଭାବେ ପଞ୍ଚାୟତ ବାସିନ୍ଦାଙ୍କ ଉନ୍ନତି ହୋଇପାରିବ ସେଥିପାଇଁ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପକ୍କାଘର, ଜଗନ୍ନାଥ ସଂସ୍କୃତି ର ପ୍ରଚାର, ମନ୍ଦିର ପୁନଃଉଦ୍ଧାର ଠାରୁ ଆରମ୍ଭ କରି ମହିଳା ସଶକ୍ତିକରଣ, ଘରେ ଘରେ ପାନୀୟଜଳ ଯୋଗାଣ ଭଳି ଯୋଜନା ରାଜ୍ୟ ସରକାର ହାତକୁ ନେଇଛନ୍ତି। ଗ୍ରାମାଞ୍ଚଳର ସମୃଦ୍ଧି ହେବା ସହ ଗ୍ରାମବାସୀଙ୍କ ଉନ୍ନତି ହୋଇପାରିବ କିନ୍ତୁ ପରଜଙ୍ଗ ବ୍ଲକ ଅନ୍ତର୍ଗତ ପିତିରି ଗ୍ରାମ ପଞ୍ଚାୟତରେ ସରକାରୀ ଯୋଜନା ବାଟବଣା ହୋଇଯାଇଛି। ପିତିରି ପଞ୍ଚାୟତର ବିଜେପି ସମର୍ଥିତ ସରପଞ୍ଚ ଏହି ଯୋଜନାଗୁଡ଼ିକ ସଠିକ ଭାବରେ କାର୍ଯ୍ୟକାରୀ କରିପାରୁନାହାନ୍ତି। ଯାହାକୁ ନେଇ ଆଜି ଏକ କାର୍ଯ୍ୟକ୍ରମ ଅବସରରେ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ତଥା ବିଜେପି ନେତ୍ରୀ ଶର୍ମିଷ୍ଠା ଦଳବେହେରା ଓ ପିତିରି ସରପଞ୍ଚ ଅଶୋକ କୁମାର ବର୍ମା, ପିଇଓ ଭଗବାନ ହେମ୍ବ୍ରମ୍ଙ୍କୁ ଘେରିବା ସହିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପିତିରି ପଞ୍ଚାୟତରେ ଆବାସ ଯୋଜନାରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଯେଉଁମାନଙ୍କର ଦୁଇମହଲା ଘର, ଗାଡ଼ି ଅଛି, ସେମାନଙ୍କୁ ଆବାସ ଯୋଜନାରେ ଘର ମିଳିଥିଲା ବେଳେ ଗରିବଲୋକଙ୍କୁ ଘରଖଣ୍ଡିଏ ମିଳିପାରୁନାହିଁ। ଯାହାଫଳରେ ସରକାରଙ୍କ ଯୋଜନାରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଥିବା ଦେଖାଯାଉଛି। ସେହିପରି ଆବାସ ଯୋଜନାରେ ଘର କରାଇଦେବା ପାଇଁ ନିରୀହ ଲୋକଙ୍କଠାରୁ ହଜାର ହଜାର ଟଙ୍କା ପିଇଓ ଲାଞ୍ଚ ନେଇଥିବା ଲୋକମାନେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ଖଇରାମୁଣ୍ଡା ଗ୍ରାମର ଶତାଧିକ ଲୋକ ବିଶୁଦ୍ଧ ପାନୀୟଜଳ ଟୋପାଏ ପାଇଁ ସରପଞ୍ଚଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଭଳି ସ୍ଥଳେ ଗ୍ରାମବାସୀ ସେମାନଙ୍କୁ ଘେରି ଜବାବ ମାଗିଛନ୍ତି।



# କରଡ଼ାବଣୀ ମହୋତ୍ସବ ଉଦ୍‌ଯାପିତ

ଗଁଦିଆ, ୧୦।୨ ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କରଡ଼ାବଣୀ ଗ୍ରାମରେ ଅନୁଷ୍ଠିତ ମହୋତ୍ସବ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବର ପ୍ରଥମ ପର୍ଯ୍ୟାୟରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗଁଦିଆ ବ୍ଲକର ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଟକୃଷ୍ଣ ଲେଙ୍କା ଶିକ୍ଷା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ବିଶିଷ୍ଟ ସମାଜସେବୀ ଓ ଶିକ୍ଷାବିତ୍ ସ୍ୱର୍ଗତ ବଟକୃଷ୍ଣ ଲେଙ୍କାଙ୍କ ସହଧର୍ମିଣୀ ତଥା ଧର୍ମପରାୟଣ ବ୍ୟକ୍ତି ବାସନ୍ତୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଭାରତ ସ୍କାଉଟ ଗାଇଡସ୍ ଓଡ଼ିଶାର ପ୍ରଶାସନିକ ଅଧିକାରୀ ତଥା ରାଜ୍ୟ ସଂଗଠିକା ଅନାମିକା ଦାସ, ମୁଖ୍ୟ ବକ୍ତା ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ୍ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ସ୍ୱାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହୋତ୍ସବର ସମ୍ପାଦକ ଗିରିଜା ପ୍ରସାଦ ରାଉତ ସଂଯୋଜନା କରିଥିବା ବେଳେ ନିମନ୍ତ୍ରିତ ଅତିଥି ରୂପେ ଯୁବସମାଜସେବୀ ତାପସ କୁମାର ରାଉତ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରକୁ ଅଧ୍ୟାପକ ଛବିନ୍ଦ୍ର ରାଉତ ଓ କରଡ଼ାବଣୀ ମହୋତ୍ସବର କର୍ମକର୍ତ୍ତାମାନେ ସକ୍ରିୟ ସହଯୋଗ କରିଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ହରିହର ସାହୁ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସ୍ୱର୍ଗତ ବଟକୃଷ୍ଣ ଲେଙ୍କାଙ୍କ କନ୍ୟା ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା ଶିକ୍ଷା ସ୍ମୃତି ସମ୍ମାନ ପ୍ରଦାନର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗଁଦିଆ ବ୍ଲକର ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦଣ୍ଡଧର ସାହୁ, ହରିହର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ଲେଙ୍କା, ନିହାରବାଳା ରାଉତ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତିର୍ମୟୀ ନାଥ ଓ ବର୍ତ୍ତମାନର ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କାଙ୍କୁ ମାନପତ୍ର, ସ୍ମୃତିଫଳକ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବଟକୃଷ୍ଣ ଲେଙ୍କା ଶିକ୍ଷା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ସାପ୍ତାହିକ ଭଗବତ ପାରାୟଣ ମହାଯଜ୍ଞ

କାମାକ୍ଷାନଗର, ୧୦।୨(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ସରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅଳକାପାଟଣା ଗ୍ରାମରେ ସାପ୍ତାହିକ ଶ୍ରୀମଦ ଭଗବତ ପାରାୟଣ ମହାଯଜ୍ଞ ଆୟୋଜିତ ହୋଇଯାଇଛି। ସାତଦିନ ଧରି ଆୟୋଜିତ ହେବାକୁଥିବା ଏହି ମହାଯଜ୍ଞରେ ବିଶ୍ୱର କଲ୍ୟାଣ ନିମିତ୍ତ ପାରାୟଣ ଅନୁଷ୍ଠିତ ହେବା ସହ ଯଜ୍ଞ ଅନୁଷ୍ଠିତ ହେବ। ଏହି ଅବସରରେ ପରଜଙ୍ଗ ନିର୍ବାଚନମଣ୍ଡଳୀର ଯୁବନେତା ଅସିତ ରାୟ ଚୌଧୁରୀ, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ରୁନୁବର୍ମା, ସରାଙ୍ଗ ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବାସୁଦେବ ସାହୁ, ସମାଜସେବୀ ଜମ୍ବେଶ୍ୱର ବର୍ମା ପ୍ରମୁଖ ଅଳକାପାଟଣା ଠାରେ ପହଞ୍ଚି ଯଜ୍ଞରେ ଭାଗ ନେବା ସହ ଭଗବାନଙ୍କ ଆଶିଷ ଲାଭ କରିଥିଲେ।

## ଗଛରେ ବାଇକ୍ ପିଟିହୋଇ ଚାଳକ ମୃତ

ଭୁବନ, ୧୦।୨(ସମିସ): ଢେଙ୍କାନାଳ ଜିଲ୍ଲାର ଭୁବନ ଥାନା ଅନ୍ତର୍ଗତ କାଇଁଶିରି ଧଳପଲା ମୁଖ୍ୟ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ସୁରପ୍ରତାପୁର ଫାଣ୍ଡି ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ସୁଶାନ୍ତ ନାୟକ ଏକ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା। ଖବର ପାଇ ଭୁବନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଭୁବନ ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି।

### ଇଟାଭାଟିରେ ଶ୍ରମିକଙ୍କ ମୃତ୍ୟୁ

# ଡିସେମ୍ବର ୧୫ ଘଟଣାର ପୁନରାବୃତ୍ତି

**ଢେଙ୍କାନାଳ, ୧୦।୨(ସମିସ):** ଗତ ଡିସେମ୍ବର ୧୫ ତାରିଖ ରାତିରେ କଣ୍ଟାବଣିଆ ଥାନା ମାନପୁର ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ମାନପୁର ଗ୍ରାମର ରତିକାନ୍ତ ରାଉତଙ୍କ ଏକ ମାଟିଇଟା କାରଖାନା ବେଆଇନ ଭାବରେ ଦୀର୍ଘଦିନ ଧରି ଚାଲିଥିଲା। ଏହି ଇଟାଭାଟିରେ ପାଲଲହଡ଼ା ଥାନା ଈଶ୍ୱରନଗରର ବିଶ୍ରା କୁଲକୁଲ(୧୯), ରସାଇ ବାନାରା(୧୯) ଏବଂ କାଣ୍ଡେ ବାନାରା(୧୯) ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ପ୍ରବଳ ଶୀତ ଯୋଗୁ ଜେନେରେଟର ଚାଲୁରଖି ଶୋଇଥିବା ବେଳେ ଜେନେରେଟର ଧୂଆଁରେ ବିଶ୍ରା ଏବଂ ରସାଇଙ୍କ ମୃତ୍ୟୁବରଣ କରିଥିଲେ। ଇଟାଭାଟି ମାଲିକଙ୍କୁ ସୁରକ୍ଷାଦେବାକୁ ପୁଲିସ ସମସ୍ତ ଘଟଣାକୁ ଲୁଚାଇବା ପାଇଁ ଚେଷ୍ଟା କରିଥିଲା। ଏପରିକି ମାନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଏହି ଇଟାଭାଟି ଚାଲୁଥିଲେ ମଧ୍ୟ ଆରଆଇ ନିରବଦ୍ରଷ୍ଟା ପାଲଟିଥିଲେ। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଝରକା ଖୋଲିଲେ ଇଟାଭାଟି ସମ୍ପୂର୍ଣ୍ଣଭାବରେ ଦେଖାଯାଉଥିବା ବେଳେ କିପରି ଇଟାଭାଟି ସମ୍ପର୍କରେ ଜାଣିପାରିଲେ ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଗତ ଶୁକ୍ରବାର ପୁଣି ଇଟାଭାଟିରେ ୩ ଜଣ ପ୍ରାଣ ହରାଇବା ଓ ଜଣେ ଗୁରୁତର ହେବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



## ପ୍ରଶାସନ ଭାଙ୍ଗିଥିଲା, ପୁଣି ଭାଟି ଚାଲିଲା କିପରି ?

ଢେଙ୍କାନାଳ, ୧୦।୨(ସମିସ): ରତିକାନ୍ତ ରାଉତଙ୍କ ଇଟାଭାଟିରେ ଦୁଇ ଶ୍ରମିକ ମୃତ୍ୟୁବରଣ କରିବା ପରେ ପ୍ରଶାସନ ତରଫରୁ ଜେସିବି ଲଗାଇ ଇଟାଭାଟିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦିଆଯାଇଥିଲା। କିନ୍ତୁ ଘଟଣାର ମାତ୍ର ଏକ ମାସ ପରେ ସେହି ସ୍ଥାନରେ ପୁଣି ଥରେ ସେହି ଇଟାଭାଟି ଛିଡ଼ାହୋଇଛି। ଘଟଣାକୁ ନେଇ ପୁଣି ଥରେ ପ୍ରଶାସନର ପାରିବା ପଣିଆ ପଦାରେ ପଡ଼ିଥିବା ବଳେ ମାନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟକଳାପ ନେଇ ପୁଣି ଥରେ ସନ୍ଦେହ ସୃଷ୍ଟି ହୋଇଛି। ବର୍ତ୍ତମାନ ବ୍ରାହ୍ମଣୀ ନଦୀକୂଳରେ ମାଳ ମାଳ ଇଟାଭାଟି ବେଆଇନ ଭାବରେ ଚାଲୁଥିବା ଦେଖିବାକୁ ମିଳିଛି। କେବେଳ ଓଡାପଡ଼ା ନୁହେଁ ପରଜଙ୍ଗ ପାଖରେ ନଦୀ କୂଳରେ ଥିବା ଗ୍ରାମ ନିକଟରେଏହି ବେଆଇନ ଇଟାଭାଟି ଚାଲୁଥିଲେମଧ୍ୟ ପେଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ଆଖି ବୁଜି ଦେଇଛି ବୋଲି ଅଭିଯୋଗ ହେଉଛି।

# ଆଦୃତି ଶିଶୁ ଗୃହରେ ବିଭିନ୍ନ କାର୍ଯ୍ୟକ୍ରମ




**ଢେଙ୍କାନାଳ,୧୦।୨ (ସମିସ):** ଢେଙ୍କାନାଳ ଜିଲ୍ଲା ସିଦ୍ଧେଶ୍ୱରୀ ଫାଉଣ୍ଡେସନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆଦୃତି ଶିଶୁଗୃହଠାରେ କୁନିକୁନି ପିଲାମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଥିଲା। ଟ୍ରଷ୍ଟର ଉପଦେଷ୍ଟା ରତନ ନାୟାର, ରଶ୍ମିକାନ୍ତ ସାହୁ, ପରିଚାଳନା ନିର୍ଦ୍ଦେଶିକା ସାଗରିକା ମିଶ୍ର, କୋଷାଧ୍ୟକ୍ଷ ପ୍ରିୟଙ୍କା ରାଉତ, ଟ୍ରଷ୍ଟି ଶେଷଦେବ ରଥ, ଶ୍ରୀମନ୍ତ ପରିଡ଼ା, ରାଜେନ୍ଦ୍ର ପାଣି, ପ୍ରିୟତମ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମ ପଳିଚାଳନା କରିଥିଲେ। ଚିତ୍ରାଙ୍କନ ବିଭାଗରେ ୫ ଜଣ କୃତୀ ପ୍ରତିଯୋଗୀ ଯଥାକ୍ରମେ ଦୁଖିଆ ମୁର୍ମୁ, ବିଶାଲ ସାହୁ, ଦଶରା ପଧାନ, ସୌମ୍ୟରଞ୍ଜନ ପାଲ, ସ୍ୱାଗତ ନାଏକ ଏବଂ ବକ୍ତୃତାରେ ୩ ଜଣ ଯଥାକ୍ରମେ ସୌମ୍ୟରଞ୍ଜନ ବେଜ, ଲିପି ସାହୁ ଓ ରାଧାମୋହନ ପୃଷ୍ଟିଙ୍କୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ସମସ୍ତ କୁନିକୁନି ପିଲାମାନଙ୍କୁ ମହାପୁରୁଷଙ୍କ ଆତ୍ମଜୀବନୀ ପୁସ୍ତକ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଆଦୃତାର ସୁପରିଣ୍ଟେଣ୍ଡେଣ୍ଟ ନୀଳମଣି ମହାପାତ୍ର ଓ ମ୍ୟାନେଜର ସୁଶାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟାଟା ଷ୍ଟିଲ୍ ମେରାମଣ୍ଡଳୀକୁ ରେସ୍‌ପନ୍‌ସିବଲ ଷ୍ଟିଲ୍ ପ୍ରମାଣପତ୍ର

**ଢେଙ୍କାନାଳ, ୧୦।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ନରେନ୍ଦ୍ରପୁର ସ୍ଥିତ ଟାଟା ଷ୍ଟିଲ୍‌ର ମେରାମଣ୍ଡଳୀ ଓ କଳିଙ୍ଗନଗର କାରଖାନାକୁ ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ସାର୍ଟିର୍ଫିକସନ ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ୍‌ର ମେରାମଣ୍ଡଳୀ ଓ କଳିଙ୍ଗନଗର କାରଖାନା ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ସାର୍ଟିର୍ଫିକସନ ହାସଲ କରିଛନ୍ତି। ୨୦୨୨ର କମ୍ପାନିର ଜାମେସଦପୁର କାରଖାନା ପ୍ରଥମ ଭାରତୀୟ ଇସ୍ପାତ କାରଖାନା ଭାବେ ଏହି ଐତିହାସିକ ସଫଳତା ହାସଲ କରିଥିଲା। ଟାଟା ଷ୍ଟିଲ୍ ଏବେ ବି କାରଖାନାରୁ ଏହାର ୯୦ ପ୍ରତିଶତ ଇସ୍ପାତ ଉତ୍ପାଦନ କରୁଛି। ଗତ ୨୦୨୨ ଅକ୍ଟୋବରରେ କମ୍ପାନିର ଜାମେସଦପୁର କାରଖାନାର ତିନିଟି ଡିଭିଜନ ଯଥା ଷ୍ଟିଲ୍ ୱାର୍କସ୍, ଟ୍ୟୁବ୍‌ସ ଡିଭିଜନ ଓ କୋଲ୍ଡ ରୋଲିଂ ମିଲ୍‌କୁ ଏହି ସାର୍ଟିଫିକେସନ ମିଳିଥିଲା। ସେଥିରେ ମେରାମଣ୍ଡଳୀ ଓ କଳିଙ୍ଗନଗର କାରଖାନାକୁ ସାମିଲ କରାଯିବା ଦାୟିତ୍ୱବାନ ବ୍ୟବସାୟ ଅଭ୍ୟାସ ଓ ପରିବେଶ ଦାୟିତ୍ୱ ପ୍ରତି କମ୍ପାନିର ରହିଥିବା ସମପର୍ଣ ଭାବକୁ ଦର୍ଶାଉଛି।



ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ହେଉଛି ଇସ୍ପାତ ଶିଳ୍ପର ପ୍ରଥମ ବିଶ୍ୱସ୍ତରୀୟ ବହୁବିଧ-ଅଂଶୀଦାରଭିତ୍ତିକ ସାର୍ଟିର୍ଫିକସନ ଅଭିଯାନ, ଯାହା ଇସ୍ପାତ ଉତ୍ପାଦନକାରୀ, ଗ୍ରାହକ ଓ ମଧ୍ୟସ୍ଥିମାନଙ୍କ ସହ ମିଶି କାମ କରୁଥିବା ବେଳେ ଜଳବାୟୁ ପରିବର୍ତ୍ତନ, ବିବିଧତା, ମାନବିକ ଅଧିକାର ଆଦି ଆହ୍ୱାନର ମୁକାବିଲା କରି ଏକ ଦୀର୍ଘସ୍ଥାୟୀ ଇସ୍ପାତ ଶିଳ୍ପ ଗଠନ ଦିଗରେ କାମ କରୁଥିବାର ଜଣାପଡ଼ିଛି। ଟାଟା ଷ୍ଟିଲର ସିଇଓ ଏବଂ ଏମ୍‌ଡି ଟିଭି ନେରନ୍ଦ୍ରନ୍ କହିଛନ୍ତି ଆମ କାରଖାନାଗୁଡ଼ିକ ପାଇଁ ରେସପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫେକସନ୍ ଦୀଘସ୍ଥାୟିତ୍ୱ ପ୍ରତି ଟାଟା ଷ୍ଟିଲର ପ୍ରତିବଦ୍ଧତାର ପ୍ରମାଣ ଅଟେ। ୨୦୨୫ ସୁଦ୍ଧା ଭାରତରେ ଥିବା ଆମର ସମସ୍ତ ଇସ୍ପାତ ଉତ୍ପାଦନ କାରଖାନାକୁ ସାର୍ଟିର୍ଫିକସନ କରିବା ଲକ୍ଷ୍ୟ ଆଡ଼କୁ ଆମେ ଅଗ୍ରସର କରାଉଛୁ। ରେସପନସିବଲ୍ ଷ୍ଟିଲ୍‌ର ସିଇଓ ଆନି ହେଟନ୍ କହିଛନ୍ତି ଏହି ଦୁଇଟି ନୂତନ କାରଖାନା ସାର୍ଟିଫେକସନ ପାଇଁ ଅଡିଟ୍ ପ୍ରକ୍ରିୟା ସହିତ ଟାଟା ଷ୍ଟିଲ୍ ଏହାର ସାମାଜିକ ଏବଂ ପରିବେଶ ଦାୟିତ୍ୱକୁ ଖୋଲଖୋଲି ଭାବେ ଆଗକୁ ବଢ଼ାଇବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରଦର୍ଶନ କରିଛି। ଅଡିଟ୍ ସମୟେର ଉଭୟ ସ୍ଥାନର ଜିଏଚ୍‌ଜି ନିର୍ଗମନ ହ୍ରାସ ରଣନୀତି ଏବଂ ଜଳ ପରିଚାଳନା କାର୍ଯ୍ୟକ୍ରମ ଉପେର ଅଲୋକପାତ କରାଯାଇଥିଲା। ସ୍ଥାନୀୟ ସମୁଦାୟର କଲ୍ୟାଣ ସୁନିଶ୍ଚିତ କରିବା ପାଇଁ କାରଖାନାଗୁଡ଼ିକୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଭାରସାମ୍ୟ ହରାଇ ବିଲକୁ ଖସିଲା କାର

**କାମାକ୍ଷାନଗର, ୧୦।୨(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ବାଉଁଶପାଳ ନିକଟରେ ଭାରସାମ୍ୟ ହରାଇ ବିଲ ଭିତରକୁ କାର ପଶିଯାଇଥିବା ଦେଖିବାକୁ ମିଳିଛି। ଫଳରେ କାର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟାଟା ଷ୍ଟିଲ ମେରାମଣ୍ଡଳୀରେ କାର୍ଯ୍ୟ କରୁଥିବା ସତ୍ୟପ୍ରସାଦ ଦତ୍ତ ନିଜ କାର ଯୋଗେ ଆଜି ମଧ୍ୟାହ୍ନରେ ନିଜ ଘର ଯାଜପୁର ଜିଲ୍ଲା ଟମକାକୁ ଯାଉଥିଲେ। ବାଉଁଶପାଳ ଉଚ୍ଚ ବିଦ୍ୟାଳୟ ସାମ୍ନାରେ କୌଣସି କାରଣରୁ ତାଙ୍କ କାରଟି ଭାରସାମ୍ୟ ହରାଇ ନିକଟରେ ଥିବା ବିଲ ଭିତରକୁ ପଶିଯାଇଥିଲା। କାରର ଗତି ଅଧିକ ଥିବାରୁ ବିଲ ଭିତରେ କାରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। କାମାକ୍ଷାନଗର ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

କାମାକ୍ଷାନଗର, ୧୦।୨(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାରୁଆଳି ପଞ୍ଚାୟତରେ ଆମଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଗ୍ରାମାଞ୍ଚଳରେ ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର, ମନ୍ଦିରଗୁଡ଼ିକର ପୁନଃଉଦ୍ଧାର, ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ, ପ୍ରତି ପଞ୍ଚୟତରେ କୃଷି ଓ କୃଷକର ଉନ୍ନତି ଇତ୍ୟାଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ଫଳରେ ଗ୍ରାମାଞ୍ଚଳର ଲୋକମାନେ ଏହାର ସୁବିଧା ପାଉଛନ୍ତି। ଯେଉଁମାନେ ଏହି ଯୋଜନା ସମ୍ପର୍କରେ ଜାଣିପାରୁନାହାନ୍ତି ସେମାନଙ୍କ ଅବଗତି ନିମନ୍ତେ ପଞ୍ଚାୟତରେ ସଚେତନତା ଶିବିର ଆୟୋଜିତ ହେଉଥିବା ମନ୍ତ୍ରୀ ନିଜ ମନ୍ତବ୍ୟରେ ପ୍ରକାଶ କରିଛନ୍ତି। ଅନ୍ୟତମ ଅତିଥି ଭାବେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏବିଡିଓ ଝରଣା ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ଥାନୀୟ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସାରୁଆଳି ପଞ୍ଚାୟତର ସରପଞ୍ଚ ମଦନଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ମହିଳା, କୀର୍ତ୍ତନ ମଣ୍ଡଳୀ, ବିଜୁ ସ୍ୱାସ୍ଥ୍ୟକାର୍ଡ ହିତାଧିକାରୀ, ଏସଏସଜି ଗ୍ରୁପ ଇତ୍ୟାଦି ଅଂଶଗ୍ରହଣ କରିଥିଲେ।







# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଗଁଦିଆ, ୧୦।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକାମାନଙ୍କୁ ନେଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପନ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବୀରକିଶୋର ଦତ୍ତ ସଭାପତିତ୍ୱ କରିଥିଲେ। ଏଥିରେ ୧୩୫ଜଣ ଛାତ୍ରୀ ଯୋଗଦେଇ ତାଲିମ ନେଇଥିବା ବେଳେ ପ୍ରଶିକ୍ଷକ ଭାବରେ ପ୍ରଜ୍ଞା ପରୀମିତା ବେହେରା ଓ ସୁପ୍ରିୟା ବେହେରା ତାଲିମ ପ୍ରଦାନ କରିଥିଲେ। ଏହି ଶିବିର ୧୦ଦିନ ଧରି ଚାଲିଥିବା ବେଳେ ବରିଷ୍ଠ ଅଧ୍ୟାପକ ଗୋଲେଖ ଛନ୍ଦ୍ର ନାୟକ, ଇଂରାଜୀ ବିଭାଗ ଉଦବୋଧନ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥଲେ। ଶେଷରେ ବିଦ୍ୟାଳୟର କ୍ରିଡ଼ା ଶିକ୍ଷକ ଚିତ୍ତରଞ୍ଜନ ସାମଲ ଧନ୍ୟବାଦ୍ ଅର୍ପଣ କରିଥଲେ।

# ଏଲ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ; କୁମୁସି ଚାମ୍ପିଅନ

**କାମାକ୍ଷାନଗର, ୧୦।୨ (ସମିସ)**

କାମାକ୍ଷାନଗର ଉପଖଣ୍ଡ ପରଜଙ୍ଗ ସ୍ଥିତ ବସୋଇ ମା' ଲଣ୍ଡବିର ଷ୍ଟାଡିୟମ୍ ଠାରେ ଚାଲିଥିବା ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ଟି କୁମୁସି ଓ ବହ୍ଲର କ୍ରିକେଟ କ୍ଲବ୍ ମଧ୍ୟରେ ହୋଇଥିଲା। କୁମୁସି ଟସ୍ ବିଜୟ ଲାଭ କରି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ୱିକେଟରେ ୧୪୫ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବହ୍ଲର ୧୨ ଓଭର ୯ଗୋଟି ୱିକେଟ୍ ରେ ୧୨୧ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ପୁରସ୍କର ବିତରଣରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଯୁବନେତା ଅସିତ୍ କୁମାର ରାୟ ଚୌଧୁରୀ ଚାମ୍ପିଅନ ଟିମ୍ କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ଅକ୍ଷୟ ବେହେରା, ସମାଜସେବୀ ନରୋତ୍ତମ ବିଶ୍ୱାଳ, ସମାଜସେବୀ ଅଜୟ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ କ୍ଷୀରୋଦ ବିଶ୍ୱାଳ, ପ୍ରାକ୍ତନ ଜିଲ୍ଲା ପରିଷଦ ସୁଶାନ୍ତ ରାଉତ, ଶ୍ରମିକନେତା ଦିଲ୍ଲୀପ ବର୍ମା ଯୋଗ ଦେଇଥିଲେ। ଫାଇନାଲ ଖେଳକୁ ସୁନିଲ ଓ ସୁରଜ୍ ପରିଚାଳନା କରିଲେ। ଟୁର୍ଣ୍ଣାମେଣ୍ଟକୁ ଏଲସିସିର ସମସ୍ତ ମେମ୍ବର ସୁଚାରରୂପେ ପରିଚାଳନା କରିଥିଲେ।



### ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ

# ୧୩୫୬ ବିଦ୍ୟାଳୟ, ୧୭୪୨ ଅଙ୍ଗନବାଡିରେ ବଟିକା ବଣ୍ଟନ

ଜଗତସିଂହପୁର,୧୦।୨(ସମିସ)



ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହାକୁ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମି ନାଶକ ବଟିକା ଆଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏକରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବା ନିମନ୍ତେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନବାଡି ଦିଦି, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ।ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କ୍ଷେତ୍ରବାସୀ ଦାଶ ଆଜି ଦିବସ ର ମହତ୍ତ୍ୱ ପ୍ରତିପାଦିତ କରିବାକୁ ଯାଇ କହିଲେ ୨୦୧୫ ମସିହା ଠାରୁ ପ୍ରତିବର୍ଷ ୧୦ ଫେବୃଆରୀ କୁ ଜାତୀୟ କୃମି ନାଶକ ଦିବସ ରୂପେ ପାଳନ କରାଯାଉଛି। ଯାହାର ଉଦ୍ଦେଶ୍ୟ ହେଉଛି ୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଓ କିଶୋର କିଶୋରୀ ତଥା ୨୦ ରୁ ୨୪ ବର୍ଷ ବୟସର ସମସ୍ତ ମହିଳା ଯିଏକି (ଗର୍ବବତୀ ଓ ପ୍ରସୂତି ହୋଇନଥିବେ) ଙ୍କୁ କୃମି ନାଶକ ବାଟିକାର ସେବନ କରାଇ ଏହି ଅଭିଯାନ କୁ ସଫଳ କରାଇବା। କୃମି ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୃମି ନାଶକ ବଟିକା ସେବନ କରିବା ସଙ୍ଗେ ପରିଷ୍କାର ପରିଚ୍ଛନ୍ନ ରହିବା, ମଳତ୍ୟାଗ ସମୟରେ ପାଇଖାନା ରେ ଚପଲ ବ୍ୟବହାର, ବିଶୁଦ୍ଧ ପାନୀୟ ଜଳ ସେବନ, ଖାଇବା ପୂର୍ବରୁ ହାତ ସଫା କରିବା, ନଖ କାଟିବା ଆଦି ବିଷୟରେ ଉପସ୍ଥିତ ଅତିଥିମାନେ ସମସ୍ତଙ୍କୁ ସଚେତନ କାରାଇଥିଲେ। ଏହି ଅଭିଯାନ ଆଜି ଜିଲ୍ଲାର ୧୩୫୬ ସରକାରୀ, ବେସରକାରୀ ବିଦ୍ୟାଳୟ, ୧୭୪୨ଅଙ୍ଗନବାଡି କେନ୍ଦ୍ରରେ ଆରମ୍ଭ ହୋଇଛି। ଏହି ସମସ୍ତ ସ୍ଥାନରେ ଆଶା କର୍ମୀ, ଅଙ୍ଗନବାଡି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉପସ୍ଥିତିରେ ପିଲା ମାନଙ୍କୁ କୃମି ନାଶକ ବଟିକା ଓ ଶିରପ ଆଲବେଣ୍ଡାଜୋଲ ଖାଇବାକୁ ଦିଆଯାଇଛି। ଜିଲ୍ଲାର ୨୩୪୧୧୩ ଜଣ ୧ ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର,୧୯୮୦୭ ଜଣ ୨୦ ରୁ ୨୪ ବର୍ଷ ବୟସର ପ୍ରସୂତି ବା ଗର୍ଭବତୀ ହୋଇନଥିବା ପ୍ରଜନନକ୍ଷମ ମହିଳା ମାନଙ୍କୁ ଏହି ବଟିକା ଓ ଶିରପ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଜିଲ୍ଲା ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶତ୍ରୁଘ୍ନ ଦାଶ, ନୋଡାଲ ଅଫିସର ତଥା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରମୋଦ କୁମାର ବାରିକ ,ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ସଞ୍ଜିତା ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ, ଏପିଡେମିଓଲୋଜିଷ୍ଟ ଡା. ସ୍ମୃତିରଞ୍ଜନ ପଣ୍ଡା, ଡିଭିଏଲ୍ ଏମ୍ ଶ୍ରୀ ପାର୍ଥସାରଥୀ କର ଶର୍ମା,ହସ୍ପିଟାଲ ମ୍ୟାନେଜର୍ ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଦୀପ୍ତିମୟୀ ଷଡଙ୍ଗୀ, ସହରାଞ୍ଚଳର ଆଶା, ଓ ସହକାରୀ ପରିଚାଳିକା ସୁଜାତା ପ୍ରିୟମ୍ବଦା ଦାସ ଓ ପ୍ରକାଶ କୁମାର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାର ୨୩୪୧୧୩ ଶିଶୁ ଓ କିଶୋର, ୧୯୮୦ ମହିଳାଙ୍କୁ ବଟିକା ବଣ୍ଟନ ଲକ୍ଷ୍ୟ

## ୫ ଏକର ଜମିର ଧାନ ଓ ନଡ଼ା ଜଳିଗଲା



**ବିରିଡି,୧୦।୨(ସମିସ):** ବିରିଡି ତହସିଲ ଅନ୍ତର୍ଗତ ଅଢଙ୍ଗ ନାଇଲୋ ଗ୍ରାମର ହରେ କୃଷ୍ଣ ଭୋଇ ଓ ସୁରେନ୍ଦ୍ର ଭୋଇଙ୍କ ବାଡ଼ି ଖଳାରେ ଗଦା ମଡ଼ାଯାଇଥିବା ପ୍ରାୟ ୫ଏକର ଜମିର ଧାନ ଓ କିଛି ନଡା ଜଳିଯାଇଥିବା ସୂଚନା ମିଳିଛି । ଗତ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ଏହାର କାରଣ ସମ୍ପର୍କରେ କିଛି ଜଣାପଡ଼ିନାହିଁ ।ଖବର ଅନୁଯାୟୀ ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ପରିବାର ଲୋକେ ପଦାକୁ ଉଠି ଦେଖିବା ବେଳକୁ ତାଙ୍କ ଧାନଗଦା ଓ ନଡା ଗଦାରେ ନିଆଁ ଲାଗି ଜଳିବାରେ ଲାଗିଛି। ଏହାଦେଖି ସଙ୍ଗେ ସଙ୍ଗେ ଗାଁ ଲୋକଙ୍କୁ ଡକାଇଥିଲେ ।ସେମାନେ ଆସି ନିଆଁକୁ ଲିଭାଇବାକୁ ଚେଷ୍ଟା ଜାରି ରଖିଥିବାବେଳେ ପରେ ଅଗ୍ନିଶମ ବାହିନୀ ପହଞ୍ଚି ଲୋକଙ୍କ ସହ ମିଶି ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ । ତେବେ ହରେକୃଷ୍ଣ ଓ ସୁରେନ୍ଦ୍ର ବହୁ ପରିଶ୍ରମ କରି ଏବଂ ବହୁ ଅର୍ଥ ଧାରକରଜ କରି ଖର୍ଚ୍ଚକରି ଧାନ ଫସଲ କରିଥିଲେ । ତାକୁ ବିଲରୁ କାଟି ଆଣି ନିଜ ବାଡ଼ିଖଳାରେ ଗଦା କରିଥିଲେ । ଆଉ ଦିନେ ଦୁଇଦିନ ଭିତରେ ଅମଳ କରିଥାନ୍ତେ ।ମାତ୍ର ଗଦା ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ଏବେ ସେ ଚିନ୍ତାରେ ଭାଙ୍ଗିପଡିଛନ୍ତି। କେମିତି ଚାଷ ପାଇଁ ଖର୍ଚ୍ଚ କରାଯାଇଥିବା ଅର୍ଥ ସୁଝିବେ ତାକୁନେଇ ସେମାନେ ଚିନ୍ତାରେ ପଡିଛନ୍ତି ।

## ପାରାଦୀପ ଝାଉଁ ଜଙ୍ଗଲରେ ନିଆଁ

**ପାରାଦୀପ,୧୦।୨(ସମିସ):** ପାରାଦୀପ ହନୁମାନ ମନ୍ଦିର ନିକଟରେ ଥିବା ଝାଉଁ ଜଙ୍ଗଲରେ ଆଜି ସନ୍ଧ୍ୟାରେ ନିଆଁ ଲାଗି ଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖି ସ୍ଥାନୀୟ ଲୋକମାନେ ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶ୍ମମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ନିଆଁ କେଉଁଠୁ ଆସିଲା, କିଏ ଲଗାଇଲା ତାହା ଜଣାପଡିନାହିଁ। ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ନିକଟରେ ରିଫାଇନାରୀର ପାଇପ ଲାଇନ ଯାଇଥିବାରୁ ସେହି ସ୍ଥାନର ବହୁ ଗୁରୁତ୍ୱପୂର୍ଣ୍ଣ। ସୂଚନା ଥାଉକି ଜଙ୍ଗଲ ବିଭାଗ ପକ୍ଷରୁ ସେଠାରେ ସୁରକ୍ଷା କର୍ମୀ ରହିବା ଆବଶ୍ୟକ ହେଲେ ସେଠାରେ କୌଣସି ସୁରକ୍ଷା କର୍ମୀ ନ ଥିବାରୁ ଦୁର୍ବୃତ୍ତ କିମ୍ବା ନିଶାଡିମାନେ ଜାଣିଶୁଣି ସେହି ଜଙ୍ଗଲରେ ପଶି ନିଆଁ ଲଗାଇ ଦେଇଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା

**ବାଲିକୁଦା,୧୦।୨(ସମିସ):** ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ନହରଣା ଗ୍ରାମର ଇନ୍ଦ୍ରମଣୀ ଗୋଛାୟତ (୭୯)ଙ୍କର ଗତ ତିନି ଦିନ ତଳେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେ ରାଜ୍ୟ ସରକାରଙ୍କ 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଜରିଆରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଘୋଡା ନାଚ ମାଧ୍ୟମରେ ଲୋକ ମାନଙ୍କୁ ଅବଗତ କରାଇବା ପାଇଁ ବରମୁଣ୍ଡଲୀ ପଞ୍ଚାୟତ ବଘେଇପୁର ଗ୍ରାମକୁ ଏକ ଡାଲା ଅଟୋ ଯୋଗେ ଯାଉଥିବା ବେଳେ ଦୁର୍ଘଟଣାରେ ଅଟୋ ଓଲଟି ପଡିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।ଆଜି ବାଲିକୁଦା ବ୍ଲକ ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ,ଜିଲ୍ଲାପରିଷଦ ସଭ୍ୟା ତଟିନା ସ୍ୱାଇଁ,ନହରଣା ସରପଞ୍ଚ ଅରୁଣ କୁମାର ମହାରଣା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆରେସ ପ୍ରମୁଖ ମୃତକଙ୍କ ପରିବାର ନିକଟରେ ପହଞ୍ଚି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସମେତ ଆଗକୁ କିଭଳି ଅଧିକ ସାହାଯ୍ୟ ସହଯୋଗ ପାଇବେ ସେନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ତୁଷାରକାନ୍ତ୍ ପରିଡା,ପୂର୍ବତନ ଜିଲ୍ଲା ପରିଷଦ ଯୁଗଳ କିଶୋର ମହାନ୍ତି ,ସୁବାସ ନାୟକ,ଭଗବାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ନିର୍ବାଚନ ମଣ୍ଡଳୀର ନୂତନ ସଂଗଠନ ଦାୟିତ୍ୱ

**ପାରାଦୀପ,୧୦।୨(ସମିସ):** ରାଜ୍ୟ ବିଜୁ ଜନତାଦଳ ସାଙ୍ଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା ପାରାଦୀପ ନିର୍ବାଚନ ମଣ୍ଡଳୀ ରେ ବରିଷ୍ଠ ବିଜେଡି ନେତାଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବିଜୁ ଜନତାଦଳର ଜିଲ୍ଲା ସଭାପତି ରବିନାରାୟଣ ଜେନା ସଭାପତି ଭାବେ ନରେନ୍ଦ୍ର ପରିଡାଙ୍କୁ ଦାୟିତ୍ୱ ଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ସୁଢଳ ସ୍ୱାଇଁ, ଉପସଭାପତି ଭାବେ ସତ୍ୟାନନ୍ଦ ବିଶ୍ୱାଳ, ଶିଶିର ଦାସ, ଭରତ ଭୂଷଣ ଦାସ, ବିଜୟ ଖଟେଇ, ସଞ୍ଜୟ ସ୍ୱାଇଁ, ଅଜୟ ମହାନ୍ତି, ଉମେଶ ସାହୁ, ରମେଶ ମହାପାତ୍ର, ଶରତ ସାହାଣୀ ଓ ପ୍ରଦୀପ କୁମାର ରାୟ ରହିଥିବା ବେଳେ ସାଧାରଣ ସମ୍ପାଦକ ଭାବେ ନିତ୍ୟାନନ୍ଦ ପରିଡା, ବିଚିତ୍ରା ନନ୍ଦ ପ୍ରଧାନ, ବିଦୁ ଭୂଷଣ ବରାଳ, ପ୍ରଶାନ୍ତ କୁମାର ପ୍ରଧାନ, ବସନ୍ତ କୁମାର ସେଠୀ, ନରହରି ପରିଡା, ରମେଶ ନାୟକ, କବି ରଞ୍ଜନ ବେହେରା, ସଂଗ୍ରାମ ରାଉତରାୟ, ଶିବ ପ୍ରସାଦ ବୈଶାଖ, ପ୍ରାଣକୃଷ୍ଣ ବେହେରା, ଅମରେନ୍ଦ୍ର ରାଉତରାୟ, ବିଷ୍ଣୁ ପ୍ରସାଦ କର, ତୁଷାର ଲେଙ୍କା ଓ ସାରଦା ପ୍ରସନ୍ନ ଦାସ ପ୍ରମୁଖ ଙ୍କୁ ପାରାଦୀପ ନିର୍ବାଚନ ମଣ୍ଡଳୀ ର ଏହି ଦାୟିତ୍ୱ ରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥିପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ବିଜୁ ଜନତା ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହାସହ ବିଧାୟକ ସମ୍ବିତ ରାଉତରାୟଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି।

## ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ



**ବିରିଡି,୧୦।୨(ସମିସ):** ବିରିଡି ବ୍ଲକ ପଞ୍ଚାୟତରାଜ ହାଇସ୍କୁଲରେ ଶୁକ୍ରବାର ଦିନ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟକେନ୍ଦ୍ରର ସି.ଏଚ.ଇ.ଓ ଭବାନୀ ଶଙ୍କର ହାଲଦାର, ବି.ପି.ଏମ୍ ସ୍ମୃତିରେଖା ମହାନ୍ତି,ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ବେହେରା, ମମତା ଜେନା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏହାର ଉପକାରିତା ସମ୍ପର୍କରେ ସଚେତନ କରିବା ସହ କୃମିନିୟନ୍ତ୍ରଣ ବଟିକା ଖାଇବା ଦ୍ୱାରା ପିଲାଙ୍କର ପୂର୍ଣ୍ଣାଙ୍ଗ, ଶାରିରୀକ ଏବଂ ଶୈକ୍ଷିକ ବିକାଶ ଦିଗରେ ଏହା ବିଶେଷ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବଟିକା ସେବନ କରାଯାଇଥିଲା।

## ସଂକୀର୍ତ୍ତନ ଗାୟକଙ୍କ ପରଲୋକ

**ବାଲିକୁଦା,୧୦।୨(ସମିସ):** ବାଲିକୁଦା ବ୍ଲକ ବାଲିକୁଦା ପଂଚାୟତ ବାଲିସାହି ଗ୍ରାମର ସଂକୀର୍ତ୍ତନ ଗାୟକ ସନ୍ତୋଷ କୁମାର ଦାସ (୮୦)ଙ୍କ ପରଲୋକ ହୋଇଯାଇଛି।ସେ ମା' ଥାନପତି ସଂକୀର୍ତ୍ତନ ମଣ୍ଡଳୀର ଗାୟକ ସହ ମୃଦଙ୍ଗ ବଦକ ଭାବରେ ସାରା ବାଲିକୁଦା ଅଞ୍ଚଳରେ ପରିଚିତ ଥିଲେ।ଆଜି ତାଙ୍କ ମୃତ୍ୟୁରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ତାଙ୍କ ମୃତ୍ୟୁଖବର ପାଇ ବା।ଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମିତି ସଭ୍ୟା ଯାଜ୍ଞସେନୀ ରାଉତ, ଯୁବ ନେତା ଆଦିତ୍ୟ ନନ୍ଦନ ଦାସ,ସମାଜସେବୀ ଶ୍ରୀକାନ୍ତ ଦାସ, ବୈରାଗୀ ଚରଣ ରାଉତଙ୍କ ସହ ବ୍ଲକର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତା ବାଲିସାହିସ୍ଥିତ ବାସଭବନ ରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇ ଥିବା ବେଳେ ଜ୍ୟେଷ୍ଠ ପୁତ୍ର ଦିପୁ ମୁଖାଗ୍ନି ଦେଇଥିଲେ।ତାଙ୍କ ମୃତ୍ୟୁରେ ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ଜଟାଧାରୀ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପାରାଦୀପ ସହରାଞ୍ଚଳର ବିକାଶ ନବୀନ ସରକାରଙ୍କ ସଂକଳ୍ପ



**ପାରାଦୀପ,୧୦।୨(ସମିସ):** ପାରାଦୀପ ଗୌରବ ବିହାରଠାରେ ଆଜି 'ନୂତନ ଓଡିଶା ନବୀନ ଓଡିଶା' ଯୋଜନାରେ ସହରାଞ୍ଚଳ ବିକାଶ ନବୀନ ସରକାରଙ୍କ ସଂକଳ୍ପ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥିଭାବେ ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଓ ବିକାଶ ମୂଳକ କାର୍ଯ୍ୟର ବିକଶିତ ବାର୍ତ୍ତା ଆଜି ଗାଁ ଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିଛି।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷଙ୍କ ଯୋଗୁଁ ଓଡିଶାର ବିକାଶ ସମ୍ଭବପର ହୋଇ ପାରିଛି।ସରକାରଙ୍କ ସବୁ ଯୋଜନା ଲୋକଙ୍କୁ ହାତ ପାହାନ୍ତାରେ ମିଳିପାରିଛି ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡା, ବିଧାୟକଙ୍କ ନୋମିନି ରଶ୍ମିରଞ୍ଜନ ପରିଡା, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ମହାନ୍ତି, କ୍ଷୀରୋଦ ସ୍ୱାଇଁ, ୧୩ ନମ୍ବର ୱାର୍ଡ ର ପାରିଷଦ ଶୁକ୍ରମୁନି ନାଗ, ଅଜିତ କୁମାର ଷଡ଼ଙ୍ଗୀ, ସୁଶାନ୍ତ ଦାସ, ପୂର୍ବତନ ପାରିଷଦ ଚପଳା ସ୍ୱାଇଁ, ଝାଡ଼େଶ୍ୱର ମାନ୍ନାଙ୍କ ସମେତ ଗୌରବ ବିହାରର ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

## ପାରାଦୀପରେ ସଡ଼କ ସୁରକ୍ଷା ସଚେତନତା ରାଲି

**ପାରାଦୀପ,୧୦।୨(ସମିସ):** ପାରାଦୀପ ଇଣ୍ଡିଆନ ଅଏଲ ଏଲପିଜି ଟର୍ମିନାଲ, ପାରାଦୀପ ରୋଟାରୀ କ୍ଲବ ଓ ପାରାଦୀପ ମହାବିଦ୍ୟାଳୟର ଏନସିସି କ୍ୟାଡଟମାନଙ୍କ ଦ୍ୱାରା ଏକ ମିଳିତ ସଡକ ସୁରକ୍ଷା ସମ୍ପର୍କୀୟ ସଚେତନତା ରାଲି କରାଯାଇଥିଲା।ଏହି ରାଲି ଇଫକୋ ଛକଠାରୁ ଆରମ୍ଭ କରାଯାଇ ଅଠରବାଙ୍କୀ ଗେଟ ପର୍ଯ୍ୟନ୍ତ ଯେଉଁଠି ଭାରିଯାନ ଗୁଡିକ ବହୁ ସଂଖ୍ୟାରେ ଯାତାୟତ କରନ୍ତି ସେହିଠାରେ ହିଁ କରାଯାଇଥିଲା।ସମସ୍ତ ବ୍ୟକ୍ତି ପ୍ଲାକାର୍ଡ ସହ ବିଭିନ୍ନ ସ୍ଲୋଗାନ ଦେଇ ବାଟରେ ଯାଉଥିବା ସମସ୍ତ ଦୁଇ ଚକିଆ, ଚାରି ଚକିଆ ଓ ଟ୍ରକ ଡ୍ରାଇଭରମାନଙ୍କୁ ଟ୍ରାଫିକ ନିୟମକୁ ଭଲ ଭାବରେ ପାଳନ କରିବା ପାଇଁ ଆହ୍ୱା।ନ ଦେଇଥିଲେ ବନ୍ଦର ସହରର ଦୋଛକିଠାରୁ ଅଠରବାଙ୍କୀ ମଧ୍ୟରେ ଅନେକ ସମୟରେ ଦୁର୍ଘଟଣା ମାନ ଘଟି ଜୀବନ ହାନି ହେଉଛି।ଟ୍ରାଫିକ ନିୟମକୁ ସମସ୍ତ ଗାଡି ଚାଳକମାନେ ପାଳନ କଲେ ବହୁ ଅମୂଲ୍ୟ ଜୀବନ ରକ୍ଷା ପାଇପାରିବ ଏହାହିଁ ଥିଲା ଆଜି ଆୟୋଜିତ ରାଲିର ମୁଖ୍ୟ ଉଦ୍ଦେଶ୍ୟ। ଏହି ରାଲିକୁ ପାରାଦୀପ ରୋଟାରୀ କ୍ଲବ ର ସଭାପତି ଅକ୍ଷୟ ଚନ୍ଦ୍ର ମିଶ୍ର, ସମ୍ପାଦକ ଡଃ ରବୀନ୍ଦ୍ର ନାଥ ବାରିକ, କ୍ଲବର ସଦସ୍ୟ କୈଳାସ ଚନ୍ଦ୍ର ମହାରଣା, କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ଆଭାସ ଚନ୍ଦ୍ର ଚୌଧୁରୀ, କ୍ୟାପଟେନ ପ୍ରେମାନନ୍ଦ ରାଉତ, ଗଣେଶ୍ୱର ପାତ୍ର, ଡଃ ପ୍ରଶାନ୍ତ ମହାପାତ୍ର, ଦୀପକ କୁମାର ଷଡଙ୍ଗୀ, କିଶୋର କୁମାର ବେହେରା, ବିପ୍ଳବ କୁମାର ଜେନା, ଅମିତାଭ ମୁର୍ମୁ ଓ ଇଣ୍ଡିଆନ ଅଏଲର ବହୁ ପଦାଧିକାରୀ ଏବଂ ମହାବିଦ୍ୟାଳୟର କ୍ୟାଡଟମାନେ ଉପସ୍ଥିତ ଥିଲେ।




## ଛବିନ୍ଦ୍ର-ଅମର ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପାରାଦୀପ,୧୦।୨(ସମିସ):** ପାରାଦୀପ ମଧୁବନସ୍ଥିତ ଏନଏସି ଖେଳପଡ଼ିଆରେ ଡାଇମଣ୍ଡ କ୍ଲବ ଓ ପାରାଦୀପ ୟୁଥ ସୋର୍ଟିଂ କ୍ଲବ ସହଯୋଗରେ ପଞ୍ଚମ ବାର୍ଷିକ ଛବିନ୍ଦ୍ର-ଅମର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି।ଏହି ଟୁର୍ଣ୍ଣାମେଣ୍ଟ ରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସିଇ କମରସିଆଲର ମୁଖ୍ୟ ଅକ୍ଷୟ କୁମାର ସୁତାର ଉପସ୍ଥିତ ଥିଲେ।ଉଦ୍‌ଘାଟନୀ ମ୍ୟାଚରେ ଡାଇମଣ୍ଡ କ୍ଲବ ପାରାଦୀପ ଓ ୟୁନିୟନ କ୍ଲବ କଟକ ମଧ୍ୟରେ ହୋଇଥିଲା। ଡାଇମଣ୍ଡ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୮୨ ରନ କରିବାରେ ସମର୍ଥ ହୋଇଥିଲେ।ଜବାବରେ ୟୁନିୟନ କ୍ଲବ ୧୯.୪ ଓଭର ବେଳକୁ ୧୮୩ ରନ କରି ମ୍ୟାଚକୁ ଜିତାଇ ଦେଇଥିଲେ। ୟୁନିୟନ କ୍ଲବର ସୌଭାଗ୍ୟ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।କୃତି ଖେଳାଳିଙ୍କୁ ଭାରତୀ ମୋଟର୍ସ ସତ୍ତ୍ୱାଧିକାରୀ ସନ୍ତୋଷ ଭାରତୀ ପୁରସ୍କୃତ କରିଥିଲେ। ଅମରେନ୍ଦ୍ର ପତି, ଅଧିର ସାହୁ, ଉତ୍କଳ ରାଉତ, ରବୀନ୍ଦ୍ର ସ୍ୱାଇଁ, ଶୁଭରଞ୍ଜନ ପ୍ରଧାନ, ଶଶିକାନ୍ତ ବେଉରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ପରିଣତ ବୟସରେ ପଚାରୁନି ପୁଅ

## ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କୁ ଭେଟିଲେ ବୃଦ୍ଧ

ଜଗତସିଂହପୁର,୧୦।୨(ସମିସ)

ଆଜିର ସଭ୍ୟ ଶିକ୍ଷିତ ସମାଜରେ ବୃଦ୍ଧ ବାପା ମାଆଙ୍କୁ ପରିଣତ ବୟସରେ ନିର୍ଯାତନା ଦେବା ସହିତ ଘରୁ ବାହାର କରିଦେବା ଏକ ସାମାଜିକ ବ୍ୟାଧି ପାଲଟିଛି। ବରିଷ୍ଠ ନାଗରିକ ଆଇନ ସତ୍ତ୍ୱେ ଜରାନିବାସରେ ଅସହାୟ ବୃଦ୍ଧ ଓ ବୃଦ୍ଧା ମାନଙ୍କ ଭିଡ ଲାଗିଛି ।ଏପରି ଏକ ଅମାନବୀୟ ଘଟଣା ଚଟୁଆ ପଞ୍ଚାୟତ ଅଧୀନ ଜନାର୍ଦ୍ଦନପୁର ଗ୍ରାମରେ ଦେଖିବାକୁ ମିଳିଛି। ଜନାର୍ଦ୍ଦନପୁର ଗ୍ରାମ ଗୋପୀନାଥ ପାତ୍ର, (୮୦) ଆଜକୁ ଦଶ ବର୍ଷ ହେବ ପୁଅ ବୋହୂଙ୍କ ଠାରୁ ନିର୍ଯାତିତ ହୋଇ ଆସୁଛନ୍ତି। ଶେଷରେ ସବୁକିଛି ହାସଲ କରିବା ପରେ ପୁଆବୋହୂ ଘରୁ ତଡି ଦେବାରୁ ସେ ମାଗିଯାଚି ଖାଇ ବଞ୍ଚୁଛନ୍ତି । ଏ ସମ୍ପର୍କରେ ସେ ଉପଜିଲ୍ଲାପାଳଙ୍କୁ ଭେଟି ଆଇନ ଆଧାରରେ ନ୍ୟାୟ ଦାବି କରିଛନ୍ତି ।

ପିଲାମାନଙ୍କୁ ମଣିଷ କରି ବଡ କରିବା ପରେ ସେମାନେ ବାପ ମାଙ୍କ ଏହି ଅବଦାନକୁ ଭୁଲି ଯାଉଛନ୍ତି । କୃତଜ୍ଞ ହେବା ବଦଳରେ ପୁଅବୋହୂ ଗୋପୀନାଥଙ୍କୁ ନିର୍ଯାତନା ଦେବସହିତ ଶେଷରେ ଘରୁ ତଡିଦେଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।ଏମିତି କି ଗୋପୀନାଥଙ୍କ ସାନ ପୁଅ ଗାଡ଼ି ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ତା'ର ସହାୟତା ରାଶିରେ ମିଳିଥିବା ୯ ଲକ୍ଷ ଟଙ୍କାକୁ ବାପାଙ୍କଠାରୁ ଜୋର ଜବରଦସ୍ତି ନେଇ ଯାଇ ବାପାଙ୍କୁ ବିଭିନ୍ନ ପ୍ରକାରର ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ବଡ ପୁଅ ଘରୁ ବାହାର କରିଦେଇଛି। ବୃଦ୍ଧ ବାପା ଜଣକ ଏହି ଅସହାୟ ଅବସ୍ଥାରେ ପେଟକୁ ଗଣ୍ଡେ ଦାନା ଯୋଗାଡ଼ କରିବା ପାଇଁ କେତେବେଳେ ମନ୍ଦିର ତ କେତେବେଳେ ମଠରେ ଆଶ୍ରୟ ନେଉଛନ୍ତି। ଏମିତି ଏକ ହୃଦୟ ବିଦାରକ ଘଟଣା ବିଷୟରେ ବୃଦ୍ଧ ଜଣକ ବ୍ୟାସ ଫାଉଣ୍ଡେସନର ଉପସଭାପତି ରଶ୍ମିତା ନାୟକଙ୍କ ସହ ଯୋଗାଯୋଗ କରିଥିଲେ। ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ରଶ୍ମିତା ନାୟକ, ସଭ୍ୟ ମନୋଜ ପ୍ରଧାନ ଅସହାୟ ଗୋପୀନାଥଙ୍କୁ ନେଇ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ନିକଟକୁ ନ୍ୟାୟ ପ୍ରଦାନ ପାଇଁ ପହଞ୍ଚାଇ ଥିଲେ। ଉପଜିଲ୍ଲାପାଳ ଘଟଣାଟିର ବିଚାର ବିମର୍ଷ କରି ବୃଦ୍ଧ ଜଣଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି । ମାତ୍ର ସଚେତନତାର ଅଭାବ କାରଣରୁ ଅସହାୟ ବରିଷ୍ଠ ନାଗରିକମାନେ ଆଇନର ଦ୍ୱାରସ୍ଥ ହେବା ବଦଳରେ ଜରାଶ୍ରମକୁ ଶେଷ ଆଶ୍ରୟ ବୋଲି ଗ୍ରହଣ କରୁଛନ୍ତି ।ମାତ୍ର ପରିବାର ମଧ୍ୟରେ ସାମାଜିକ ସୁରକ୍ଷାର ସହିତ ବଞ୍ଚିବାର ସେମାନଙ୍କ ଆଇନଗତ ଅଧିକାର ରହିଛି ବୋଲି ଶ୍ରୀମତୀ ଆଚାର୍ଯ୍ୟ ମତ ଦେଇଛନ୍ତି ।



### ମରଣଯନ୍ତା ପାଲଟିଛି ଏନ୍‌ଏଚ୍-୨୦

# ରାସ୍ତାସାରା ଖାଲ; ବଢୁଛି ଦୁର୍ଘଟଣା

ରାଜକନିକା,୧୦।୨(ସମିସ)

ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ। ଦୈନିକ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକାବାସୀଙ୍କୁ ଜାତୀୟ ରାଜପଥର ସ୍ୱପ୍ନ ଦେଖାଇ ଜୟନଗରଠାରୁ ସିଂହପୁର ଯାଏ ଥିବା ପୂର୍ତ୍ତ ବିଭାଗର ରାସ୍ତାର ଭିତିଭୂମି ନ ସଜାଡି କେବଳ ଘୋଷଣାନାମାରେ ଏହି ରାସ୍ତାର କେତେ ଅଂଶକୁ ଏନଏଚ ୨୦ କରି କେବଳ ଫଳକ ପରିବର୍ତ୍ତନ ହୋଇଛି। ୫ ବର୍ଷରୁ ଉର୍ଦ୍ଧ୍ୱର୍ ସମୟ ଧରି ଏହି ରାସ୍ତାରେ ସାମାନ୍ୟ ଟିକେ ବର୍ଡର ଲାଇନ ଓ ଠାଏ ଠାଏ ପିଚୁ କରି ଦେଇଥିବା ବିଭାଗ ଭିତରକନିକା ଅଭୟାରଣ୍ୟ ସହ ଏହି ରାସ୍ତା ଏକମାତ୍ର ସଡ଼କ ପଥର ଯୋଗାଯୋଗ କହି ବାହାବା ନେଉଥିବା ବେଳେ ଜାଗୁଲାଇପଡା ପଦ୍ମ ପୋଖରୀ ପାଖରେ ଏହି ରାସ୍ତା ଉପରୁ ପିଚୁ ଉଠି ବେହାଲ ହୋଇଯାଇଛି। ଦିନେ ଅଧେ ନୁହଁ ଦୀର୍ଘ ୪ ମାସ ଧରି ଏହି ରାସ୍ତାରେ ଭାରୀଯାନ ଯିବା ଆସିବା କରି ଉଭୟ ପାଶ୍ୱର୍ ଦବିବା ଏବଂ ରାସ୍ତା ଫାଟି ଆଁ କରିଥିଲେ ବି ବିଭାଗ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରିଦେଇଛି। ପଦ୍ମ ପୋଖରୀ ପାଖର ଏହି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟୁଥିଲେ ବି ରାସ୍ତାର ଆବଶ୍ୟକୀୟ ମରାମତି କିମ୍ବା ସମାଧାନ ପାଇଁ କିଛି ବି ଉଦ୍ୟମ ହୋଇନାହିଁ। କେବଳ ଘୋଷଣାନାମରେ ଜାତୀୟ ରାଜପଥ ମୋହର ଦେଇ ବିଭାଗୀୟ ଯନ୍ତ୍ରୀ ଓ ତଦାରଖ ଟିମ ଚୁପ ବସିଛନ୍ତି। ତେବେ ଏହି ରାସ୍ତାର ମରାମତି କରିବାକୁ ଦାବୀ ହୋଇଛି।



# ‘ନୂଆ-ଓ’ କାର୍ଯ୍ୟକ୍ରମରେ ‘ଶ୍ରୀ ଜଗନ୍ନାଥ’

କୁଜଙ୍ଗ,୧୦।୨(ସମିସ): କୁଜଙ୍ଗ ବ୍ଲକ ସନ୍ତରା ସ୍ଥିତ କୁଜଙ୍ଗ ମହାବିଦ୍ୟାଳରେ ନୂଆ ଓ କାର୍ଯ୍ୟକ୍ରମରେ ଓଡିଆ ସାହିତ୍ୟ ବିଭାଗ ପକ୍ଷରୁ ‘ଶ୍ରୀଜଗନ୍ନାଥ’ ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପଦ୍ମଲୋଚନ ସାହୁ ଅଧକ୍ଷତା କରିଥିଲେ। ଆଲୋଚକ ଅତିଥି ରୂପେ ବରିଷ୍ଠ ଗବେଷକ ତଥା ପ୍ରବାଚକ ପ୍ରାଧ୍ୟପକ ଡଃ ନିରଞ୍ଜନ ସାହୁ ଓଡିଆ ଜାତିର ପ୍ରାଣ ଶ୍ରୀଜଗନ୍ନାଙ୍କୁ ନେଇ ତାଙ୍କର ସାରଗର୍ଭକ ବକ୍ତବ୍ୟ ଦେବା ସହ ଏହି ଜାତିର ଇତିହାସ, ଗୌରବ ଗାଥା ଓ ଭବିଷ୍ୟତ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଦର୍ଶନରେ ପରିବ୍ୟାପ୍ତ ବୋଲି କହିଥିଲେ। ଅନ୍ୟତମ ଆଲୋଚକ ରୂପେ ଡଃ ସୁବାସ ଚନ୍ଦ୍ର ବିଶ୍ୱାଳ ଓ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଜଗନ ମୋହନ ସାହୁ, ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଜାତିକୁ ମହାଭାରତୀୟ ସଂସ୍କୃତି ଏପରିକି ବିଶ୍ୱ ସହ ଯୋଡିବା ସହ ଆଜି ଶ୍ରୀଜନ୍ନାଥ ସଂସ୍କୃତି ନିଜର ଗ୍ରହଣଶୀଳତା ପାଇଁ ଦରିଆପାରିରେ ସ୍ୱତନ୍ତ୍ର ପରିଚୟ ଓ ସଗୌରବେ ଦଣ୍ଡାୟମାନ। ମାତ୍ର ଆମେ ଓଡିଶା ବାସୀ ଏହି ସଂସ୍କୃତି ଓ ଚେତନା ଠାରୁ ଦୂରେଇ ଯିବା ସହ ଏକ ବିଭିଷିକା ଆଡକୁ ଅଗ୍ରସର ବୋଲି ଚେତାଇ ଦେଇଥିଲେ। ବିଭାଗର ନୋଡାଲ ଅଧିକାରୀ ଜ୍ୟୋତ୍ସ୍ନା ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପିକା ପାର୍ବତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧାପିକା ଜୟନ୍ତୀ କୁମାରୀ ସ୍ୱାଇଁ ମଧ ମଞ୍ଚାସୀନ ଅତଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଇଂରାଜୀର ବରିଷ୍ଠ ଅଧାପକ କବି ଚତ୍ତରଞ୍ଜନ ସାହ, ଅଶୋକ କୁମାର ବେହେରା, ଡଃ ଅନୁପମା ସୂତାର, ସୂର୍ଯ୍ୟକାନ୍ତ ନନ୍ଦ, ଡଃ ଚନ୍ଦ୍ରଆପୋଲ ମହାନ୍ତି, ସତ୍ୟପ୍ରିୟ ନନ୍ଦଶର୍ମା, ସୋଲେମାନ ସାହୁ, ବିନୋଦ ଦାସ, ରଶ୍ମିତା ବେହେରା ପ୍ରମୁଖ ଆଲୋଚନା ଓ ପରିଚାଳନାରେ ସହଯୋଗ କରିଥିଲେ।



# ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



କେନ୍ଦ୍ରାପଡା,୧୦।୨(ସମିସ): କେନ୍ଦ୍ରାପଡା ବ୍ଲକ ତରାଣ୍ଡୋ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜକିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଜିଲ୍ଲା ପରିଷଦ ସଦସ୍ୟ ମଧୁଛନ୍ଦା ମହାନ୍ତି, ସମ୍ମାନୀତ ଅତିଥି ବାରୋ ସରପଞ୍ଚ ଗୋପୀନାଥ ମଳିକ, ସମିତି ସଭ୍ୟା ସସ୍ମିତା ପଲାଇ, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ସିଆର୍‌ସିସି ବୈଲୋଚନ ସାମଲ, ବରିଷ୍ଠ ଶିକ୍ଷକ ଭାସ୍କର ଦାଶ ଯୋଗ ଦେଇ ଶିକ୍ଷା ସହିତ ଅର୍ନ୍ତନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସରୋଜ କୁମାର ଆଚାର୍ଯ୍ୟ ବିଦ୍ୟାଳୟ ବିବରଣୀ ପଠନ କରିଥିଲେ। ସେକ୍ ଅବଦୁଲ କରିମ୍ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ମିର୍ ଅକ୍ତର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କର ପ୍ରତିଭା, ନୃତ୍ୟ, ଅଭିନୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକ ଓ ଗ୍ରାମବାସୀ ସାହାଯ୍ୟ ସହଯୋଗ କରିଥିଲେ।

# ଦୋଷିଆରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ’



ପଟ୍ଟାମୁଣ୍ଡାଇ,୧୦।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକର ଦୋଷିଆ ପଞ୍ଚାୟତରେ ‘ଆମ ଓଡିଶା ନବୀନ ଓଡିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୋଷିଆ ପଞ୍ଚାୟତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି ଓ ଏହି ଅନୁଦାନରେ ଯୁବବିକାଶ କେନ୍ଦ୍ର, ମିଶନଶକ୍ତି ଗୃହ ନିର୍ମାଣ, ଦେବାଦେବୀ ମନ୍ଦିର ଉନ୍ନତିକରଣ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ସ୍କୁଲ ଗୃହ ଉନ୍ନତିକରଣ ଆଦି ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି ଓ ଦୋଷିଆ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହିତ ରାଜ୍ୟରେ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ସରକାରୀ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା ଓ ଦୋଷିଆ ସରପଞ୍ଚ ସ୍ମୃତିରେଖା ସ୍ୱାଇଁଙ୍କ ପୌରହିତ୍ୟ ଓ ବ୍ଲକ ସାମାଜିକ ସମୀକ୍ଷକ ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୋଷିଆ ପଞ୍ଚାୟତକୁ ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ପଞ୍ଚାୟତରେ ପରିଣତ କରିବା ସହିତ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଭାରେ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୁଭ୍ରାଂଶୁ ସାହୁ, ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ବିଜୟ ରାଉତ, ସମାଜସେବୀ ଗୌରାଙ୍ଗ ରାଉତ, ସମିତିସଭ୍ୟା ପ୍ରତିନିଧି ପ୍ରଦୀପ ସାହୁ, ଶ୍ୟାମସୁନ୍ଦର ପୁର ସମବାୟ ସମିତି ସଭାପତି ସୁଦାମ ରାଉତ, ନାଏବ ସରପଞ୍ଚ ସୁଜାତା ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସ୍ନିଗ୍ଧାରାଣୀ ରାଉତ, ପିଇଓ ପ୍ରକାଶ ସିଂହ, ଜିଆରଏସ ଜଗବନ୍ଧୁ ପଣ୍ଡା, ସିଏଚଓ ଗୀତାରାଣୀ ସାହୁ, ଏଚଡବ୍ଲ୍ୟୁଏଫ ସରୋଜିନୀ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପିଇଓ ପ୍ରକାଶ ସିଂହ ଧନ୍ୟବାଦ ଦେଇଥିଲେ।

# ତ୍ରିବେଣୀ ମେଳା ଓ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ

ଡେରାବିଶ,୧୦।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱରଙ୍କ ପୀଠରେ ଶୁକ୍ରବାର ପବିତ୍ର ତ୍ରିବେଣୀ ଅମାବାସ୍ୟା ତିଥିରେ ଆରମ୍ଭ ହୋଇଛି ତ୍ରିବେଣୀ ମେଳା ଓ ବିଶ୍ୱ କଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳା ମଙ୍ଗଳବାର ଶେଷ ହେବ ବୋଲି କମିଟିର ସମ୍ପାଦକ ନାରାୟଣ ଲେଙ୍କା ସୂଚନା ଦେଇଛନ୍ତି। ଆଜି ଅମାବାସ୍ୟା ଅବସରରେ ଆର୍ତ୍ତେଶ୍ୱରଙ୍କ ପୀଠ ନିକଟରେ ବହିଯାଇଥିବା ଗୋବରୀ ନଦୀରେ ପ୍ରାତଃରୁ ବହୁ ମାନସିକଧାରୀ ଶ୍ରଦ୍ଧାଳୁ ନିଜର ମାନସିକ ପୂରଣ ପାଇଁ ବୁଡ଼ ପକାଇବା ସହ ଆର୍ତ୍ତେଶ୍ୱରଙ୍କୁ ଦର୍ଶନ କରିଥିଲେ। ପରେ ତ୍ରିବେଣୀ ମେଳାଟି ଅଞ୍ଚଳର ବହୁ ପ୍ରାଚୀନ ହୋଇଥିବାରୁ ଏଠାରେ ଅସ୍ଥାୟୀ ଦୋକାନ ବଜାରର ପସରା ସହ ସନ୍ଧ୍ୟାରେ ଆରମ୍ଭ ହୋଇଛି ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ। ଏଥିସହିତ ଅପେରା ପ୍ରଦର୍ଶନ ମଧ୍ୟ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଭିଡ଼କୁ ଦୃଷ୍ଟିରେ ରଖି ନିକିରେଇ ଥାନା ପକ୍ଷରୁ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ କମିଟିର ସଭାପତି ଅକ୍ଷୟ କୁମାର ଦାସ, ଉପସଭାପତି ଗୋଲଖ ବିହାରୀ ମହାଭୋଇ ଓ ଆର୍ତ୍ତତ୍ରାଣ ପାତ୍ର, ପ୍ରସନ୍ନ କୁମାର ସାହୁ, ହୃଷୀକେଶ ଦାସ, ସୁରେଶ କୁମାର ଦାସ ଓ ଈଶ୍ୱର ଚନ୍ଦ୍ର ପୃଷ୍ଟି, ଭାବାନୀ ପ୍ରସାଦ ଓଝା ପ୍ରମୁଖ ପରିଚାଳନା କରୁଛନ୍ତି।

# ଛଦ୍ମବେଶରେ ପ୍ରଦ୍ୟାଶା ପ୍ରଥମ

କୁଜଙ୍ଗ,୧୦।୨(ସମିସ): କୁଜଙ୍ଗ ସ୍ଥିତ ଶତାୟୁ ଶିକ୍ଷାନୁଷ୍ଠାନ କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ସହ ଛଦ୍ମବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରଦ୍ୟାଶା ପ୍ରଧାନ ବହୁ ବରିଷ୍ଠ ଓ କନିଷ୍ଠ ବିଦ୍ୟାର୍ଥୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରି ନିଜ ପାଇଁ ଗୌରବ ଆଣିଛନ୍ତି। ସେ ଯମରାଜ ଭୂମିକାରେ ଅଭିନୟ କରିବା ସହ ସଡକ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରକାଶଯେ କଟକ-ପାରାଦ୍ୱୀପ ରାସ୍ତାରେ ପ୍ରତ୍ୟହ ଦୁର୍ଘଟଣା ଘଟି ଅସମୟରେ ଜୀବନ ଯାଉଥିବା ବେଳେ ଏହି ଘଟଣା କୁନି ଝିଅ ପ୍ରଦ୍ୟାଶା ମନରେ ଗଭୀର ରେଖାପାତ କରିବା ସହ ଅସମୟରେ ଜୀବନ ଯାଉଥିବାରୁ ପରିବାର ଲୋକେ କିପରି କଷ୍ଟ ପାଉଛନ୍ତି ତାହାକୁ ନେଇ ତାଙ୍କ ଅଭିନୟ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ସହ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରାଙ୍କ ଠାରୁ ସେ ମାନପତ୍ର ଓ ଟ୍ରଫି ପୁରସ୍କୃତ ହୋଇଛନ୍ତି।



# ଜନ ସାହିତ୍ୟ ଆଲୋଚନା ସଭା ଓ କବିତା ପାଠୋତ୍ସବ

ପାରାଦୀପ,୧୦।୨(ସମିସ): ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ସମିତିର କାର୍ଯ୍ୟାଳୟରେ ପ୍ରକଳ୍ପ-ସଂଯୋଜକ ଅଶୋକ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଜନ-ସାହିତ୍ୟ ଆଲୋଚନା ସଭା ଓ କବିତା ପାଠ କାର୍ଯ୍ୟକ୍ରମ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡଃ ସନ୍ତୋଷ କୁମାର ସାମଲ, ସମ୍ମାନିତ ଅତିଥି ଭାବେ କବି ନଗେନ୍ଦ୍ର ନାଥ ସ୍ୱାଇଁ, ବରିଷ୍ଠ ନାରୀ କବି ହରାମଣି ମହାପାତ୍ର ଯୋଗଦେଇ ଜନ-ସାହିତ୍ୟ ସୃଷ୍ଟି ର ଇତିହାସ ଓ ଏହା କିଭଳି ଭାବରେ ଲେଖାଯିବ ସେ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ପରେ ଅନୁଷ୍ଠିତ କବିତା ପାଠ କାର୍ଯ୍ୟକ୍ରମରେ କବି ରଶ୍ମିରେଖା ବେହେରା, ସରୋଜିନୀ ସାହୁ, ତିଲୋତମା ପାତ୍ର, ପୁଷ୍ପା ଦାସ, ନିହାରିବାଲା ବାରିକ ଓ ଧରିତ୍ରୀ ସାମଲଙ୍କ ସମେତ ଅନ୍ୟ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସଂଯୋଜନା କରିଥିଲେ କବି ତୁଳସୀ ବରାଳ। କାର୍ଯ୍ୟକ୍ରମ ଶେଷରେ ସ୍ୱାକ୍ଷରତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ କୃମିନାଶକ ଦିବସ

# ପ୍ରଥମ ପର୍ଯ୍ୟାୟରେ ୫ଲକ୍ଷ ଶିଶୁଙ୍କୁ ବଟିକା

କେନ୍ଦ୍ରାପଡ଼ା,୧୦।୨(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଫେବୃୟାରୀ୧୦ରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଧିକ ପ୍ରଚାର ପ୍ରସାର ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ୧ବର୍ଷରୁ ୧୯ବର୍ଷ ମଧ୍ୟରେ ଥିବା ଶିଶୁ, କିଶୋର, ବାଳକ ଓ ବାଳିକାମାନଙ୍କୁ କୃମି ନାଶକ ବଟିକା ପ୍ରଦାନ କରାଯିବ। ଆଶାକର୍ମୀ ଓ ବିଦ୍ୟାଳୟର ନୋଡାଲ ଶିକ୍ଷକମାନଙ୍କୁ ଏସମ୍ପର୍କରେ ତାଲିମ ପ୍ରଦାନ କରାଯିବା ପରେ ପ୍ରତି ସ୍କୁଲରେ ଶିଶୁମାନଙ୍କୁ ଏହି ବଟିକା ପ୍ରଦାନ କରାଯିବ। ଏଥିରୁ ବଞ୍ଚିତ ଅନ୍ୟମାନଙ୍କୁ ଫେବୃୟାରୀ ୧୭ତାରିଖରେ ବଟିକା ବଣ୍ଟନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫ଲକ୍ଷ ଶିଶୁଙ୍କୁ କୃମିନାଶକ ବଟିକା ବଣ୍ଟନ କରାଯିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କେନ୍ଦ୍ରାପଡା ସହରର ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜାତୀୟ କୃମିନାଶକ ଦିବସ ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ(ପରିବାର କଲ୍ୟାଣ) ଡା. ସଚିଦାନନ୍ଦ ମିଶ୍ର ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସମ୍ମିଳନୀରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏସଏମଓ ଡା. ଅର୍ଚ୍ଚନା ନାୟକଡା. ନୃପେନ ଶତପଥୀ, କୃଷ୍ଣଚନ୍ଦ୍ର ଲୋହା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହ, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କର୍ମକର୍ତ୍ତା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଡିପିଏଚସିଓ ମୀନତୀ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଜଙ୍ଗ,୧୦।୨(ସମିସ): କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବୋରିଖିର କୃତୀ ଶିକ୍ଷୟିତ୍ରୀ କିରଣବାଳା ପଶାୟତଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଦାନନ୍ଦ ବେଉରା, ପ୍ରାକ୍ତନ ଶିକ୍ଷକ ବିମ୍ବାଧର ବିଶ୍ୱାଳ, ବୋରିଖି ସିଆର୍‌ସିସ ଲୋକନାଥ ବେହେରା, ବନବିହାରୀ ନାୟକ, ପରିଚାଳନା ସମିତି ସଭାପତି ଅମର ବିହାରୀ ପ୍ରମୁଖ ଏହି କୃତୀ ଶିକ୍ଷୟିତ୍ରୀଙ୍କ ଗୁଣଗାନ ସହ ଅବସର ଜୀବନ ସୁଖମୟ ନେଇ କାମନା କରିଥିଲେ। ଏହି ଅବସରରେ ଶିକ୍ଷକ ଭାନୁ ପ୍ରକାଶ ନନ୍ଦୀ କବିତା ପାଠ ସହ ମାନପତ୍ର ପାଠ କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ବେଉରା, ରେଣୁକା ଗୋଛାୟତ, ସୂର୍ଯ୍ୟକାନ୍ତ ମଲ୍ଲ, ସୁମନ୍ତ କୁମାର ମାହନ୍ତ, ଶରତ ଚନ୍ଦ୍ର ବେହେରା, ଅଶୋକ କୁମାର ନାୟକ, ସଙ୍କର କାଣ୍ଡି ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



# ଶିକ୍ଷାବିତ ଶରତ ମହାନ୍ତିଙ୍କ ବିୟୋଗରେ ସ୍ମୃତିସଭା



ପାରାଦୀପ,୧୦।୨(ସମିସ): ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ପାରାଦୀପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଟିକରପଙ୍ଗା ପଞ୍ଚାୟତ ନାରାୟଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହାନ୍ତି ପାରାଦୀପ ନୂଆବଜାର ସ୍ଥିତ ଡରମିଟରୀ କଲୋନୀ ଅଞ୍ଚଳରେ ନିଜସ୍ୱ ଶିକ୍ଷାନୁଷ୍ଠାନ ଆରମ୍ଭ କରି ଦୀର୍ଘ ୨୫ ବର୍ଷରୁ ଅଧିକ ସମୟ ଧରି ଶିକ୍ଷାଦାନ କରିଥିଲେ। ଏହି ଶିକ୍ଷାନୁଷ୍ଠାନ ମାଧ୍ୟମରେ ସେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଜୀବନ ତିଆରି କରିଥିଲେ। ୨୦୨୦ ମସିହାରେ କିଡୀନ ଜନିତ ସମସ୍ୟା ହେତୁ ସେ ଡାୟଲିସରେ ଥିଲେ ଏବଂ ଗତ ଜାନୁଆରୀ ୨୮ ତାରିଖରେ ୭୪ ବର୍ଷ ବୟସରେ ସାନପୁଅଙ୍କ ନୂଆବଜାର ସ୍ଥିତ ଆବାସିକରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ଫେବୃଆରୀ ୭ ତାରିଖ ବୁଧବାର ଏକାଦଶାହ ଅବସରରେ ଏକ ସ୍ମୃତି ସଭା ମୋନାଲିସା ସାହିତ୍ୟ ସଂସଦ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା। ସଭାକୁ ଶ୍ରୀମତୀ ଗୋଲାପ ରାଣୀ ସାହୁ, ହାରାମଣୀ ମହାପାତ୍ର, ପ୍ରେମଲତା ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ବହୁ ମାନ୍ୟଗଣ୍ୟ ତଥା ତାଙ୍କର ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ।

# ଜିଲ୍ଲାଜଜ୍ ଏକାଦଶ ଓ ଜିଲ୍ଲା ଓକିଲ ସଂଘ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍







କେନ୍ଦ୍ରାପଡ଼ା,୧୦।୨(ସମିସ)

କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳ ପଡିଆରେ ଜିଲ୍ଲାଜଜ୍ ଏକାଦଶ ଏବଂ ଜିଲ୍ଲା ଓକିଲ ସଂଘ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆଜି ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଜିଲ୍ଲା ଜଜ୍ ଏକାଦଶ ଟସ୍ ଜିଣି ବ୍ୟାଟିଂକରିବା ସହିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୩ ରନ୍ କରିଥିଲେ। ଏହାର ଜବାବରେ ଜିଲ୍ଲା ଓକିଲ ସଂଘ ଏକାଦଶ ୧୧ ଓଭରରେ ୪ ୱିକେଟ ହରାଇ ୧୪୪ ରନ୍ କରି ବିଜୟୀ ହୋଇଥିଲେ। ଏହି ଉପଲକ୍ଷେ ଜିଲ୍ଲା ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଏବଂ ସରକାରୀ ଓକିଲ ସଞ୍ଜୟ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ନଗରପାଳ ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳ ଜିଲ୍ଲାଓକିଲ ସଂଘ ଏକାଦଶକୁ ବିଜୟୀ ଟ୍ରଫି ଓ ଜିଲ୍ଲାଜଜ୍ ଏକାଦଶକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିବା ସହିତ ବ୍ୟକ୍ତିଗତ ୨୦ ରନ୍ କରିଥିବା ଏବଂ ୨ଟି ୱିକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିବା ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲାଜଜ୍ ଏକାଦଶର କ୍ୟାପ୍‌ଟେନ୍ ଭାବେ ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତି ଦାୟୀତ୍ୱ ନେଇଥିବା ବେଳେ ଜିଲ୍ଲା ଓକିଲ ସଂଘ ଏକାଦଶର କ୍ୟାପ୍‌ଟେନ୍ ଭାବେ ଆଇନଜୀବୀ ଆଶିଷ ସାମଲ୍ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକସୋ) ପ୍ରଣତୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ଅଜୟ ପ୍ରଧାନ, ସିଭିଲ୍ କୋର୍ଟ ରେଜିଷ୍ଟ୍ରର ରମାଦେବୀ ସୋରେନ୍, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ଧର୍ନୁଧର ନାୟକ, କାଉନସିଲର ସେକ୍ ଅସଲମ୍, ଆଇନଜୀବୀ ହରି ପ୍ରସାଦ କର, ଅରୁଣ ପ୍ରସାଦ ଦାସ, ଇତିହାସ ଲେଙ୍କା, ବ୍ରଜ ସୁନ୍ଦର ରାଉତ, ଗଣେଶ ପ୍ରସାଦ ମଲ୍ଲିକ, ନିରଞ୍ଜନ ବଳ, ଚିନ୍ମୟ ବିଶ୍ୱାଳ, ସଦାମ ଖାନ, ସଂଗ୍ରାମ ଜେନା, ଗିରିଜା ଶଙ୍କର ପଣ୍ଡା, ସୁବାସ ସାହୁ, ରାଖାଲ ଶେଖର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ଜଜ୍ ଓ ଶତାଧିକ ଆଇନଜୀବୀ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରି ଥିଲେ।

# ବିନା ଲାଞ୍ଚରେ କାମ କରୁନାହାନ୍ତି ଅଙ୍ଗନବାଡ଼ି ସୁପରଭାଇଜର

**ଉପହାରରେ ନେଉଛନ୍ତି ଦାମୀ ଶାଢ଼ି**

**ଲମ୍ବିଛି ଅଙ୍ଗନବାଡ଼ି କର୍ମୀଙ୍କ ଅଭିଯୋଗର ଫର୍ଦ୍ଦ**

**ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ସିଡିପିଓ**

ପାଲଲହଡ଼ା, ୧୦।୨(ସମିସ):

ଅନଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡରେ ଅଙ୍ଗନବାଡ଼ି ସୁପରଭାଇଜରଙ୍କ ଲାଞ୍ଚନେବା ଉପାଖ୍ୟାନ, ଦାମୀ ଶାଢ଼ି ଉପହାର ତଥା ଅଙ୍ଗନବାଡ଼ି ଦିଦିଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଅଙ୍ଗନବାଡ଼ି ଦିଦିମାନେ ପାଲଲହଡ଼ା ସିଡିପିଓ, ଉପଜିଲ୍ଲାପାଳ ତଥା ଅନଗୋଳ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କେବଳ ଲାଞ୍ଚ ନେଉଛନ୍ତି ତାହା ନୁହଁ, ଦିଦିମାନଙ୍କୁ କେମିତି ମିଛ ବିଲ୍ କରିବ, ତାହାର ଉପାୟ ମଧ୍ୟ ବତାଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ପାଲଲହଡ଼ା ସିଡିପିଓଙ୍କ ଅଧୀନସ୍ଥ ଚଷାଗୁରୁଜାଙ୍ଗ ସର୍କଲରେ। ଏହି ସର୍କଲରେ ସୁପରଭାଇଜର ଭାବେ କାର୍ଯ୍ୟରତ ଅଛନ୍ତି ଚଞ୍ଚଳା ନାଏକ। ତାଙ୍କ ଅଧୀନରେ ୧୯ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ସୁପରଭାଇଜର ଦିଦିଙ୍କ ମନମାନି ତଥା ଲାଞ୍ଚଖୋର ମନୋଭାବ ତଥା କର୍ମୀଙ୍କୁ ଅଶାଳୀନ ବ୍ୟବହାର ସମସ୍ତଙ୍କୁ ଅତିଷ୍ଠ କରିସାରିଲାଣି। ଏହାର ସୁବିଚାର ତଥା ସୁପରଭାଇଜରଙ୍କୁ ବଦଳି କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସୁପରଭାଇଜର ମାଡାମ ବିନା କାରଣରେ ବାରମ୍ବାର କେନ୍ଦ୍ରକୁ ମିଟିଂ ଡାକି ଗାଳିଗୁଲଜ କରିବା, ପ୍ରତ୍ୟେକ ଥର କେନ୍ଦ୍ର ପରିଦର୍ଶନରେ ଗଲେ ୨୦୦ ରୁ ୫୦୦ ଟଙ୍କା ଲାଞ୍ଚନେବା, ଟଙ୍କା ନ ଦେଲେ କାଗଜପତ୍ରରେ ହଇରାଣ କରିବା, କିଶୋରୀ ବାଳିକା, ରନ୍ଧା ଖାଦ୍ୟ ପରିବେଷଣ ଆଦିରୁ ପିସି ମାଗିବା ଆଦି ମାଳ ମାଳ ଅଭିଯୋଗ ଲିଖିତ ଭାବରେ କରାଯାଇଛି। ସେହିପରି କର୍ମୀଙ୍କୁ ମୁଁ ତତେ ଚାକିରି କରେଇ ଦେଇଛି ତେଣୁ ମତେ ୧୫, ୦୦୦ ଦେ କହିବାରୁ ଅଙ୍ଗନବାଡ଼ି କର୍ମୀ ଜଣଙ୍କ ପ୍ରଥମ କିସ୍ତିରେ ୫୦୦୦, ଦ୍ୱିତୀୟ କିସ୍ତିରେ ୨୦୦୦, ତୃତୀୟ କିସ୍ତିରେ ୧୦୦୦ ଏବଂ ନୂତନ ବର୍ଷ ଉପହାର ବାବଦକୁ ୩, ୫୫୦ ଟଙ୍କାର ମାଡାମଙ୍କ ମନପସନ୍ଦର ଶାଢ଼ି କିଣି ଦେଇଛନ୍ତି। ଆହୁରି ମଧ୍ୟ ଟ୍ରେନିଂ ପଠାଇବା ବାବଦକୁ ୨୦୦୦ ଟଙ୍କା ନେଇଛନ୍ତି। କର୍ମୀ ଜଣଙ୍କ ଜଣେ ଅନୁସୂଚିତ ଜନଜାତିର ବିଧବା ମହିଳା ହୋଇଥିବାରୁ ମାଡାମ୍ ଙ୍କ ଫୋନ ତୁରନ୍ତ ଗ୍ରହଣ ନକଲେ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରିବା ଲିଖିତ ଭାବରେ ସିଡିପିଓ, ଉପଜିଲ୍ଲାପାଳ ତଥା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସୁପରଭାଇଜର ମାଡାମ କେଉଁ ଯୋଜନାରୁ କିପରି ଅଧିକ ନାଁ ଅନ୍ତର୍ଭୁକ୍ତ କରି ଅଧିକ ବିଲ୍ କରିବ ସେ ପାଠ ମଧ୍ୟ କର୍ମୀମାନଙ୍କୁ ଦେଉଛନ୍ତି ଓ ଅଧିକ ଟଙ୍କାର ଅଧାଭାଗ ନିଜେ ଚଳୁ କରିଦେଉଛନ୍ତି ବୋଲି କର୍ମୀମାନେ ସିଧାସଳଖ ଅଭିଯୋଗ କରୁଛନ୍ତି। ଅଧିକ ମଧ୍ୟ ମୋ ବିରୁଦ୍ଧରେ କାହାକୁ କହିଲେ କି ଅଭିଯୋଗ କଲେ ତମ ଚାକିରିରେ ନାଲିଗାର ପକେଇଦେବି ଏବଂ ତମକୁ ବେଜିତ କରିବି ବୋଲି ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ଧମକ ଦେଉଛନ୍ତି।

ଏବିଷୟରେ ପାଲଲହଡ଼ା ସିଡିପିଓଙ୍କ ସହିତ ଯୋଗାଯୋଗ କରିବାରୁ ଅଭିଯୋଗ ପାଇଛି, ଘଟଣାର ସତ୍ୟାସତ୍ୟ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସ୍ୱଳ୍ପ ବେତନ ଭୋଗୀ ଅଙ୍ଗନବାଡ଼ି ଦିଦିମାନେ ମାତ୍ର ୭, ୫୦୦ ଟଙ୍କା ଦରମାରେ କୋମଳମତି ଶିଶୁଙ୍କୁ ଶିକ୍ଷାଦାନ କରିବା ସହିତ ଗର୍ଭବତୀ ମହିଳା, ଶିଶୁ, କୁପୋଷଣ ତଥା କିଶୋରୀ ବାଳିକାମାନଙ୍କ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ସୁପରଭାଇଜର ମ୍ୟାଡମ୍ ଙ୍କ ମନମାନି ଓ ଲାଞ୍ଚଖୋର ମନୋଭାବ ଏହି ସରକାରୀ ଯୋଜନାକୁ କେତେ ଆଗେଇ ନେଉଥିବ ତାହା ସ୍ପଷ୍ଟ ଭାବେ ଜଣାପଡୁଛି। ଆଗାମୀ ଦିନରେ ଦେଖିବାକୁ ମିଳିବ ଏହି ପିସି କାରବାରରେ କେବଳ ସୁପରଭାଇଜରଙ୍କ ଭାଗ ରହିଛି ନା ଆଉ କେଉଁ ଉପରିସ୍ଥ କର୍ମଚାରୀ ମଧ୍ୟ କୋମଳମତି ଶିଶୁଙ୍କ ପେଟକୁ ଲାତମାରି ଭାଗ ବସାଇଛନ୍ତି। ତଦନ୍ତ ହେଲେ ସବୁ ଧରାପଡ଼ିବ।

## ରାଧାକୃଷ୍ଣ ମନ୍ଦିରରେ ହରିବଂଶ ପୁରାଣ ପାଠ

ବଡ଼ଚଣା, ୧୦।୨ (ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧାନମଣ୍ଡଳ ରାଧାକୃଷ୍ଣ ମନ୍ଦିର ପରିସରରେ ଚାଲିଛି ହରିବଂଶ ପୁରାଣ ପଠନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉତ୍ସବ ୨୭ ବର୍ଷ ଧରି ଚାଲୁଥିବାବେଳେ ରାମାୟଣ ଭାଗବତ ଭଳି ଅନେକ ଧାର୍ମିକ ଗ୍ରନ୍ଥ ପଠନ କରାଯଇଛି। ଏହି ଉତ୍ସବ ଚାଲୁଥିବାବେଳେ ଧାନମଣ୍ଡଳ ଗ୍ରାମରେ ଆମିଷ ଭକ୍ଷଣ ନିଷେଧ ହୋଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, ଗୋ ପୂଜା, ସମର୍ପଣ ପୂଜା ହୋଇଥିବାବେଳେ ବିଶେଷକରି ଠାକୁରଙ୍କ ବିବାହ ଉତ୍ସବ ଅଭିଷେକ ଘୃତ ଆହୂତି ହୋଇଥିବାବେଳେ ପ୍ରତ୍ୟେହ ସନ୍ଧ୍ୟାରେ ଧାନମଣ୍ଡଳ ଜଗନ୍ନାଥ ଭଜନ ସଂକୀର୍ତ୍ତନ ପରିବେଷଣ ହେଉଥିବାବେଳେ ଏହି ହରିବଂଶ ପୁରାଣ ପଠନକୁ ଶ୍ରୀ ହରିବଂଶ ସ୍ୱଧ୍ୟେୟ, ଶ୍ରୀକୃଷ୍ଣ ଚେତନା ସଂଘର ହରିପ୍ରେମୀ ଓ ଧାନମଣ୍ଡଳ ଗ୍ରାମବାସୀ ଆୟୋଜନ କରିଥିଲେ।




ଢେଙ୍କାନାଳର ରାଇଜିଂ ଷ୍ଟାର୍ କ୍ଲବ୍ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିର ଅବସରରେ

## ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ

ବଡ଼ଚଣା, ୧୦।୨ (ସମିସ): ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ଦୀପକ କୁମାର ମିଶ୍ର ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଅମରେନ୍ଦ୍ର ନାୟକ, ଉପସଭାପତି ଚିତ୍ତରଞ୍ଜନ ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ, ସହସମ୍ପାଦକ ବିଘ୍ନରାଜ ନାୟକ, କୋଷାଧ୍ୟକ୍ଷ ଶାନ୍ତନୁ ଖିଲାର, କାର୍ଯ୍ୟକାରୀ ସଭ୍ୟ ଦୀପକ ମିଶ୍ର, ଅମୀୟ ପରିଡ଼ା, ସୁନୀଲ ନାୟକ, ଦେବବ୍ରତ ରାଉତ, ରିପ୍ତିକାନ୍ତ ସ୍ୱାଇଁ ପ୍ରମୁଖ ଆଗାମୀ ଦୁଇବର୍ଷ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶପଥ ପାଠ କରିଥିଲେ। ନିଜ ମଧ୍ୟରେ ଏକତା, ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ବସ୍ ମାଲିକଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଏସ୍‌ୟୁସିଆଇର ସମର୍ଥନ ସଭା

ପ୍ରୀତିପୁର, ୧୦।୨ (ସମିସ): ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଚାଷୀ ମୂଲିଆ ଶ୍ରମିକ ଶ୍ରେଣୀର ଲଢୁଆ ଦଳ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିଂଝାରପୁର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସଭା ପ୍ରୀତିପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଆଲୋଚକ ଭାବେ ଦଳର ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ ଶଙ୍କର ଦାସଗୁପ୍ତ ଯୋଗ ଦେଇଥିଲେ। ଏହି ସଭାରେ ନିର୍ବାଚନ ମଣ୍ଡଳୀସ୍ତରୀୟ କମିଟି ଆବାହକ କମ୍ରେଡ ନୃସିଂହ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ସଭାରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ଲୋକସଭା ଆସନ ପାଇଁ ସୁବାସ ମଲ୍ଲିକ ଓ ବିଞ୍ଝାରପୁର ବିଧାନସଭା ଆସନ ପାଇଁ ରାଧାବଲ୍ଲଭ ମଲ୍ଲିକଙ୍କ ସମର୍ଥନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ସହସ୍ରାଧିକ ଏସୟୁସିଆଇ (କମ୍ୟୁନିଷ୍ଟ) ସଦସ୍ୟ ଯୋଗଦେଇଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ




ଯାଜପୁର, ୧୦।୨(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଛତିଶ ଦେବିଲ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପଞ୍ଚାୟତର ମୁରବୀ କୁଳମଣି ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ପ୍ରକାଶ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜୁ ଜନତା ଦଳ ସଭାପତି ପରେଶ ବିଶ୍ୱାଳ, ଯୁବନେତା ଅଜୟକୁମାର ମହାନ୍ତି, ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ଗଣେଶ ଚନ୍ଦ୍ର ମହାକୁଡ, ଜିଲ୍ଲା ସମ୍ପାଦକ ଅମରେନ୍ଦ୍ର ମିଶ୍ର, ଦେବାଶିଷ ପଣ୍ଡା, ଅଶୋକ ମହାନ୍ତି, ନାରାୟଣ ଯେନା, ପ୍ରଫୁଲ୍ଲ ପରିଡ଼ା, କେଶବ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ବେବିନା ମଲିକ, ଭାରତୀ ମଲିକ, ଦେବବ୍ରତ ବିଶ୍ୱାଳ, ରଶ୍ମୀରଞ୍ଜନ ମହାନ୍ତି, କରୁଣାକର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀର ରୂପାନ୍ତୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବିଦ୍ୟାଳୟର ରୂପାନ୍ତୀକରଣ, କ୍ରୀଡ଼ାର ବିକାଶ, ଐତିହ୍ୟର ସୁରକ୍ଷା ସହ ପଞ୍ଚାୟତ ସ୍ତରୀୟ ଅନୁଦାନର ସଠିକ୍ ବିନିଯୋଗ ନେଇ ପ୍ରତ୍ୟେକଟି ଉନ୍ନୟନ କାର୍ଯ୍ୟ ଉପରେ ପର୍ଯ୍ୟବେକ୍ଷିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ଲୋକ ପ୍ରତିନିଧି, ସଫଳ କୃଷକ, ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପଞ୍ଚାୟତଟି ଦ୍ୱୀପାଞ୍ଚଳ ହୋଇଥିବାରୁ ଦିନରାତି ସାଧାରଣ ଲୋକଙ୍କୁ ଡଙ୍ଗା ସାହାଯ୍ୟରେ ପାର କରୁଥିବା ନାବିକ ବଟ ସାହୁ, ହରି ସାହୁ, ଅଙ୍କୁର ସାହୁ ଓ ଖଗେଶ୍ୱର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ଅଶ୍ୱିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଧାର କେନ୍ଦ୍ରରେ ଶୋଷଣ ଅଭିଯୋଗ

ଗଁଦିଆ, ୧୦।୨ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଆଧାର କେନ୍ଦ୍ରରେ ନୂତନ ଆଧାର କାର୍ଡ ଉଠାଣ ହେଉ କିମ୍ବା ସଂଶୋଧନ ହେଉ ଉକ୍ତ କାର୍ଯ୍ୟ ପାଇଁ କେନ୍ଦ୍ରକୁ ଆସୁଥିବା ଜନସାଧାରଣଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସରକାର ସମସ୍ତ କ୍ଷେତ୍ରରେ ଆଧାର ନମ୍ବରକୁ ମାନଦଣ୍ଡ ଭାବରେ ଗ୍ରହଣ କରୁଥିବାରୁ ସମସ୍ତ ସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କିଙ୍ଗ ସଂସ୍ଥା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ପ୍ରଯୁଜ୍ୟ। ଏହାର ସୁଯୋଗ ନେଇ ଆଧାର କେନ୍ଦ୍ର ଖୋଲିଥିବା କିଛି ବ୍ୟକ୍ତି ଉକ୍ତ କେନ୍ଦ୍ରକୁ ଆସୁଥିବା ପ୍ରତ୍ୟେକଙ୍କୁ ଲୁଟି ଚାଲିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ଗଁଦିଆ ବ୍ଲକର ମୁଖ୍ୟ କେନ୍ଦ୍ର ବ୍ଲକରେ ଥିବା ଆଧାର କେନ୍ଦ୍ରରେ। ପୂର୍ବରୁ ବ୍ଲକ କାର୍ଯ୍ୟାଳୟପରିସରରେ ଥିବା ଆଧାର କେନ୍ଦ୍ରରେ ୫୦ଟଙ୍କା ଦେଇ ଆଧାର କାମ କରାଯାଉଥିଲା। ବର୍ତ୍ତମାନ ଉକ୍ତ ବ୍ଲକରେ ଘର ସମସ୍ୟା ଥିବାରୁ ସେଠାରେ ଥିବା ଆଧାର କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ବ୍ଲକ ଷ୍ଟାଣ୍ଡରେ ଥିବା ଆଧାର କେନ୍ଦ୍ରର ପ୍ରୋପାଇଟର ଏଠାକୁ ଆଧାର କାର୍ଯ୍ୟ ପାଇଁ ଆସୁଥିବା ଜନସାଧାରଣଙ୍କଠାରୁ ୨୦୦ ଟଙ୍କାରୁ ଆରମ୍ଭ କରି ୪୦୦ଟଙ୍କା ପର୍ଯ୍ୟନ୍ତ ଲୁଟି ଚାଲିଛି। ଜନସାଧାରଣ ଉକ୍ତ କେନ୍ଦ୍ରରେ ପାଟି ଚୁପ କରିବାକୁ ବାଧ୍ୟ ରହୁଛନ୍ତି ଓ ନୀରବରେ ଆଧାର କାର୍ଯ୍ୟ କରିଛନ୍ତି। ଉକ୍ତ ଶୋଷଣକୁ ତୁରନ୍ତ ବନ୍ଦ କରାଯାଇ ସାଧାରଣ ଜନତାଙ୍କୁ ସଠିକ ନ୍ୟାୟ ପ୍ରଦାନ କରିବାକୁ ବ୍ଲକ ପ୍ରଶାସନ ପଦକ୍ଷେପ ନେବା ଲାଗି ଗଁଦିଆ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଗୋଷ୍ଠୀସ୍ତରୀୟ ଟାକ୍ସଫୋର୍ସ ବୈଠକ

କିଶୋରନଗର, ୧୦।୨(ସମିସ): କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଘର ଠାରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ କ୍ରୁମି ନାଶକ ଦିବସ ଉପଲକ୍ଷେ ଗୋଷ୍ଠୀ ଟାକ୍ସଫୋର୍ସର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସମେତ ଶିକ୍ଷା ବିଭାଗ ଏବଂ ଆଜି ଜାତୀୟ କ୍ରୁମି ଦିବସରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୮୩ ଟି ସ୍କୁଲ ଏବଂ ୧୫୮ଟି ଅଙ୍ଗନବାଡ଼ି କେନ୍ଦ୍ରରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାମାନେ ସାମୂହିକ ଔଷଧ ସେବନ କରିଥିଲେ। ଔଷଧ ସେବନରୁ ବଂଚିତ ଥିବା ପିଲାମାନେ ଆସନ୍ତା ୧୭ ତାରିଖ ଦିନ ପୁନଶ୍ଚ ଧାର୍ଯ୍ୟ ସମୟରେ ଔଷଧ ଗ୍ରହଣ କରିବେ। ଚଳିତବର୍ଷ ୧ ବର୍ଷରୁ ୧୯ ବର୍ଷ ମଧ୍ୟରେ ୨୬, ୧୧୮ ଜଣଙ୍କୁ ଔଷଧ ସେବନର ଧାର୍ଯ୍ୟ କରାଯାଇଛି। ଏଥିରେ ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ୱଜନ କୁମାର ସାହୁ, ଡବ୍ଲୁସିଡି ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ସୁପରଭାଇଜର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ, ବିପିଏମ ଅଜିତ୍ କୁମାର ସାହୁ, ପିଏଚଇଓ ରୁଦ୍ର ନାରାୟଣ ରଥ, ଉପସ୍ଥିତ ଥିଲେ। ବିପିଏମ ଶ୍ରୀ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ଗଁଦିଆ, ୧୦।୨ (ସମିସ): ଗଁଦିଆ ବ୍ଲକ ଦିଗାମ୍ବରପୁର ଗ୍ରାମ ପଞ୍ଚାୟତର ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଦିଗାମ୍ବରପୁର ଗ୍ରାମ ପଞ୍ଚାୟତ ବିଜୁଜନତା ଦଳର ସଭାପତି ତୁଷାର କାନ୍ତ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ପରିବେଶବିତ୍ ବିଜୟ କୁମାର ସାମନ୍ତ, ବିଶିଷ୍ଟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ, ମୁଖ୍ୟ ବକ୍ତାଭାବେ ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ସଂଗ୍ରାମ କିଶୋର ଶତପଥୀ, ସମ୍ମାନିତ ଅତିଥି ଭାବେ ଡାକ୍ତର ବିଜୟ କୁମାର ସାମଲ, ସମିତି ସଭ୍ୟ ବିରଞ୍ଚି ନାରାୟଣ ସାହୁ, ସମାଜସେବୀ ସୁରେଶ କୁମାର ସାହୁ, ରବିନାରାୟଣ ନାୟକ, ବାଇଧର ସେଠୀ ଉପସ୍ଥିତ ହୋଇ ସରକାରଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ୫-ଟି ରୂପାନ୍ତରିକରଣ, ଲକ୍ଷ୍ମୀ ବସ୍ ଯୋଜନା ଉପରେ ଆଲୋଚନା କରିଥିଲେ। ସରକାରୀ ଜନମୁଖୀ ଯୋଜନା ଉପରେ ପାଲା, ସଚେତନତା ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ମହେନ୍ଦ୍ର କୁମାର ପତି, ଯୁବ ସମାଜସେବୀ ଅକ୍ଷୟ କୁମାର ତରାଇ ମିଳିତ ଭାବେ ସଂଯୋଜନା କରିଥିଲା ବେଳେ ସରକାର ଜନାଭିମୁଖୀ ଯୋଜନାର ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦିଗାମ୍ବରପୁର ଗ୍ରାମ ପଞ୍ଚାୟତ ର ଶହସ୍ରାଧିକ ଜନସାଧାରଣ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତି ହୋଇଥିଲେ। ପଞ୍ଚାୟତର ବିଶିଷ୍ଟ ସମାଜସେବୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସରପଞ୍ଚ ଓ ସହଯୋଗୀଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ




ପାଣିକୋଇଲି, ୧୦।୨(ସମିସ): ପାଣିକୋଇଲି ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କ ନାମରେ ପାଣିକୋଇଲି ଥାନାରେ ଅଭିଯୋଗକାରୀ ଓ ମୂଳ ନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଜାତିଆଣ ଅଭିଯୋଗ କରାଯାଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଜମୁନା ଗ୍ରାମର ଚକ୍ରଧର ଯେନାଙ୍କ ପୁଅ ବିଶ୍ୱମ୍ଭର ଯେନାଙ୍କ ଅଭିଯୋଗ ମୁତାବକ, ୭ ତାରିଖ ସନ୍ଧ୍ୟାରେ ସେ ଜାତୀୟ ରାଜପଥର ସିଙ୍ଗଡା ବ୍ରିଜ ଉପରେ ଇନଷ୍ଟା ରିଲସ କରୁଥିବାବେଳେ ପାଣିକୋଇଲି ଗ୍ରାମର ସରୋଜ ପଣ୍ଡା ତାଙ୍କ ଭାଉଜ ଜାନକୀ ପଣ୍ଡାଙ୍କ ସହ ସେହି ରାସ୍ତାରେ ଆସୁଥିବାବେଳେ ରାସ୍ତା ଉପରେ ମୋତେ ଦେଖି ଜାତିଆଣା ଗାଳି ସହ ରାସ୍ତା କ'ଣ ତୋ ବାପାର ବୋଲି କହିଥିଲେ। ବିଶ୍ୱମ୍ଭରଙ୍କ ସହିତ ସୋତି ଗ୍ରାମର ମଣି ଯେନା ଓ ତଣ୍ଡରା ଗ୍ରାମର ବିକ୍ରମ ମଲିକ ଏହାର ପ୍ରତିବାଦ କରିବାରୁ ସରୋଜ ସମସ୍ତଙ୍କୁ ଗାଳି କରିବା ସହ ଆକ୍ରମଣ କରିଥିଲେ। ପରେ ସେ ଫୋନ କରିବାରୁ ତାଙ୍କର କିଛି ସହଯୋଗୀ ଓ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ସେଠାରେ ପହଞ୍ଚି ଗାଳି ଦେବା ସହ ମାଡ଼ ମାରିଥିଲେ। ୮ ତାରିଖ ଦିନ ତାରିଣୀ ମନ୍ଦିରକୁ ବିଶ୍ୱମ୍ଭରଙ୍କ ବାପା ଅନ୍ୟ ସହଯୋଗୀଙ୍କ ସହ ଯାଇଥିବାବେଳେ ସେଠାରେ ତାଙ୍କୁ ଧମକ ଦେଇଥିଲେ। ଏ ନେଇ ଆଜି ବିଶ୍ୱମ୍ଭର ଓ ମୂଳନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବିଶ୍ୱମ୍ଭର ଓ ବିକ୍ରମଙ୍କ ସମେତ ଫୋରମର ସଂଯୋଜକ ନିରଞ୍ଜନ ଜେନା, ଜିଲ୍ଲା ସଂଯୋଜକ ପ୍ରତାପ ଦାସ, କୋରେଇ ସଭାପତି ସହଦେବ ଜେନା ଅଭିଯୋଗ କରିଥିଲେ।




ଢେଙ୍କାନାଳର ନ୍ୟୁଏଜ୍ ଟେକ୍ନୋଲୋଜି ଆଣ୍ଡ ଏମ୍ପ୍ଲୋଏବିଲିଟି ଦ୍ୱାରା ଆୟୋଜିତ କର୍ମଶାଳା

**ରେଳ ଦୁର୍ଘଟଣାରେ ଗୋରୁ ମୃତ**

## ୬ ମାସରେ ୩୦ ପ୍ରାଣ ହରାଇଲେଣି; ପ୍ରଶାସନ ନୀରବ

କାମାକ୍ଷାନଗର, ୧୦।୨ (ସମିସ):

ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଥାନା ବସୁଇ ପଞ୍ଚାୟତ ଯୌତୁକପଶି ଗାଁ ନିକଟ ଶନିମନ୍ଦିର ପାଖରେ ଥିବା ଏକ ଟ୍ରେନ ଟ୍ରାକ୍ ଉପରେ ଗୋଟିଏ ଗୋରୁ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଛି। ୬ ମାସ ମଧ୍ୟରେ ୩୦ ରୁ ଊର୍ଦ୍ଧ୍ୱ ଗୋରୁ ପ୍ରାଣ ହରାଇଲେଣି। ଗତ ୭ ଦିନ ତଳେ ୪ ଟି ଗାଈ ମରିଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ସେହିପରି ଆଜି ଗୋଟିଏ ଗାଈର ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତଥାପି ଏଥିପ୍ରତି ପ୍ରଶାସନ ଅଣଦେଖା କରୁଛି। ପରଜଙ୍ଗ ଥାନା ଯୌତୁକପଶି ଗାଁ ନିକଟରେ ମାଲବାହୀ ଟ୍ରେନ ଧକ୍କାରେ ବାରମ୍ବାର ଗୋରୁଙ୍କ ମୃତ୍ୟୁ ହେଉଛି। ଯୌତୁକପଶି ଗାଁ ରେଳ ଫାଟକଠାରୁ ୨ଶହ ମିଟର ଦୂରରେ ଗୋରୁଗୁଡିକ ଦୁର୍ଘଟଣା ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଛି। ଗୋଚର ଜମି ନିକଟରେ ରେଲୱେ ଟ୍ରାକ୍ ରହିଥିବାରୁ ଏପରି ଦୁର୍ଘଟଣା ବାରମ୍ବାର ଘଟୁଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏଥିପ୍ରତି ରେଲୱେ ବିଭାଗ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଅନେକ ଦୁର୍ଘଟଣା ମୃତ୍ୟୁ ସାମ୍ନାକୁ ଆସିବା ସହିତ ବହୁମୂଲ୍ୟ ସମ୍ପତ୍ତି ନଷ୍ଟ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଗାଁ ପାଖ ଜଙ୍ଗଲରେ ହାତୀମାନଙ୍କ ପାଦୁର୍ଭାବ ଥିବା ଯୋଗୁଁ ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ବିପଦଥିବା ଜଣାପଡ଼ିଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଯଦି ଏଥିପ୍ରତି କୌଣସି ଦୃଷ୍ଟି ନ ଦିଆଯାଏ, ଆଗାମୀ ଦିନରେ ଟ୍ରେନ ଚଳାଚଳକୁ ବିରୋଧ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

